୨୬ ଅକ୍ଟୋବର - ୧ ନଭେମ୍ବର , ୨୦୨୫

ରବିବାର
ସକାଳ
THE SAKALA

# ସିନ୍ଦୂର

- ଇଣ୍ଟରଭାଲ୍ ପରର ବଲିଉଡ୍
- ୨୦୨୫ର ଚର୍ଚ୍ଚିତ ସିନେମା
- ବଦଳୁଛି ହିନ୍ଦୀ ଫିଲ୍ମର ଧାରା
- ସଫଳ ବ୍ୟାବସାୟିକ ସିନେମା




# ବଲିଉଡ୍‌ରେ ନୂଆ ଧାରା



ମନୋରଞ୍ଜନର ବିଶାଳ ଜଗତ ବଲିଉଡ୍ ଇଣ୍ଡଷ୍ଟ୍ରୀ । ସିନେ ଦର୍ଶକଙ୍କୁ ଅନେକ ସୁପର ହିଟ୍ ସିନେମା ଦେଇଛି ବଲିଉଡ୍ । ବ୍ୟାବସାୟିକ ହେଉ କି କଳାତ୍ମକ ସିନେମା ହେଉ – ସବୁଠି ଆଗରେ ବଲିଉଡ୍ । ତେବେ ଦିନକୁ ଦିନ ବଦଳିବାରେ ଲାଗିଛି ବଲିଉଡ୍‌ର ଧାରା । ଫିଲ୍ମର କାହାଣୀଠାରୁ ଆରମ୍ଭ କରି ଟେକ୍ନୋଲୋଜି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆସିଛି ବିରାଟ ପରିବର୍ତ୍ତନ । ବର୍ତ୍ତମାନ କେବଳ ପାରମ୍ପରିକ ସିନେମା ନୁହେଁ, ବରଂ ଭିନ୍ନ ଶୈଳୀ, ସାମାଜିକ ପ୍ରସଙ୍ଗ ଆଧାରିତ ଚଳଚ୍ଚିତ୍ର ଦର୍ଶକଙ୍କୁ ଆକର୍ଷିତ କରିବାରେ ଲାଗିଛି । ଦର୍ଶକ ଏବେ ଭଲ କାହାଣୀ ଚାହୁଁଛନ୍ତି । ବଡ଼ ବଜେଟ୍, ଲୋକପ୍ରିୟ କଳାକାର ସତ୍ତ୍ୱେ ଦୁର୍ବଳ କାହାଣୀ ଯୋଗୁଁ ଅନେକ ସମୟରେ ଫିଲ୍ମ ଫ୍ଲପ୍ ହେଉଛି । ବରଂ 'ସ୍ତ୍ରୀ-୨', 'ଦେବା' ଭଳି ପ୍ରସଙ୍ଗ ଆଧାରିତ ଫିଲ୍ମ ବକ୍ସ ଅଫିସ୍‌ରେ ସଫଳତା ଲାଭ କରୁଛି । ସେଭଳି ସିକ୍ୱେଲ ସିନେମାକୁ ମଧ୍ୟ ଦର୍ଶକେ ବେଶ୍ ଗ୍ରହଣ କରିବାରେ ଲାଗିଛନ୍ତି । ୨୦୨୪ ମସିହାରେ ରିଲିଜ୍ ହୋଇଥିବା 'ପୁଷ୍ପା-୨', 'ସିଂଘମ୍ ଏଗେନ୍' ଭଳି ଫିଲ୍ମ ଭଲ ବ୍ୟବସାୟ କରିଛି । ସେପଟେ ଦକ୍ଷିଣ ଭାରତୀୟ ଫିଲ୍ମର ପ୍ରଭାବ ହିନ୍ଦୀ ଫିଲ୍ମ ଜଗତରେ ପଡୁଛି । 'କାନ୍ତାରା ଚାପ୍ଟର ୱାନ୍' ଭଳି ସିନେମା ହିନ୍ଦୀ ଭାଷାଭାଷୀ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହେଉଛି । ଏଥିରୁ ପ୍ରମାଣିତ ହେଉଛି ଆଞ୍ଚଳିକ ସିନେମାର ଭଲ କାହାଣୀକୁ ମଧ୍ୟ ଦର୍ଶକ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି ।

ସମୟ ସହିତ ବଦଳୁଛି ଲୋକଙ୍କ ରୁଚି । ଏକଦା ପ୍ରେମ ଓ ପ୍ରତିଶୋଧ ଆଧାରିତ ଥିଲା ସିନେମାର କାହାଣୀ । ବର୍ତ୍ତମାନ ଐତିହାସିକ, ରାଜନୈତିକ, ସାମାଜିକ ପ୍ରସଙ୍ଗ ଆଧାରିତ କାହାଣୀର ଚାହିଦା ବଢ଼ିବାରେ ଲାଗିଛି । ସିନେମାରେ ଟେକ୍ନୋଲୋଜିର ମଧ୍ୟ ଆସିଛି ପରିବର୍ତ୍ତନ । ହିନ୍ଦୀ ଫିଲ୍ମରେ ଭିଏଫ୍‌ଏକ୍ସ ଓ କ୍ୟାମେରାର ଗୁଣବତ୍ତା ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି । ସେଭଳି କେବଳ ସୁପରଷ୍ଟାରଙ୍କ ଉପରେ ଫିଲ୍ମର ସଫଳତା ନିର୍ଭର କରୁନାହିଁ, ବରଂ ନବାଗତଙ୍କ ଭଲ କାହାଣୀର ଫିଲ୍ମକୁ ମିଳୁଛି ଅପୂର୍ବ ସଫଳତା । ଏଭଳି ଚଳଚ୍ଚିତ୍ର ଶହ ଶହ କୋଟି ଟଙ୍କା ବ୍ୟବସାୟ କରି ବକ୍ସ ଅଫିସ୍‌ରେ ରେକର୍ଡ ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀରେ ବଲଉଡ୍ ଇଣ୍ଡଷ୍ଟ୍ରୀର ପରିବର୍ତ୍ତନର ଧାରାକୁ ନେଇ ଏଥରର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ :

# ବଲିଉଡ୍‌ରେ ନୂଆ ଧାରା

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ** — ରବି, ସୋମବାରରେ ସ୍ୱପ୍ନ ସାକାର ହୋଇପାରେ । ଉଚ୍ଚ ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ସମସ୍ୟା ବହୁଳ ରହିବ । ରାଜନୀତିରେ ବିରୋଧୀ ପ୍ରଭାବିତ କରିବେ । ଗୁରୁ, ଶୁକ୍ର, ଶନିବାରରେ ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ ।

**ବୃଷ** — ରବି, ସୋମବାରରେ ଉତ୍ତମ ଆସନରେ ଅଳଂକୃତ ହୋଇପାରନ୍ତି । ଧନ ସମ୍ମାନ ପ୍ରାପ୍ତି ହେବ । ମଙ୍ଗଳ, ବୁଧବାରରେ ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ । ଗୁରୁ, ଶୁକ୍ର, ଶନିବାରରେ ଅଯଥା ବ୍ୟୟରେ ପଡ଼ିଯାଇପାରନ୍ତି । ବ୍ୟବସାୟିକ ଆୟବ୍ୟୟ ସମାନ ରହିବ ।

**ମିଥୁନ** — ରବି, ସୋମବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ପଡ଼ୋଶୀଙ୍କଠାରୁ ସଂପୂର୍ଣ୍ଣ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ କାର୍ଯ୍ୟସିଦ୍ଧି ସହ ଭାଇଭଉଣୀଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସମାଜରେ ଲୋକସମ୍ପର୍କ ବୃଦ୍ଧି ପାଇବ । ବ୍ୟବସାୟିକ ସଫଳତା ମିଳିବ ।

**କର୍କଟ** — ରବି, ସୋମବାରରେ ଉଚ୍ଚ ସମ୍ମାନ ପ୍ରାପ୍ତି ହେବ । ସମସ୍ତ କାର୍ଯ୍ୟରେ ସଫଳ ହେବ । ମଙ୍ଗଳ, ବୁଧବାରରେ ମହିଳାମାନେ ଚଳଚଞ୍ଚଳ ରହିବେ । ସାଙ୍ଗମାନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ କାର୍ଯ୍ୟ ବିଳମ୍ବ ଦେଖାଦେବ । ସନ୍ତାନମାନଙ୍କ ପାଇଁ ଚିନ୍ତା ଲାଗି ରହିବ ।

**ସିଂହ** — ରବି, ସୋମବାରରେ ବିଭିନ୍ନ ସମସ୍ୟାର ସମାଧାନ କରିବେ । ଅତିଥିଙ୍କ ଆଗମନ ହୋଇପାରେ । ମଙ୍ଗଳ, ବୁଧବାରରେ ପାରିବାରିକ ବୁଝାମଣା ଭଲ ରହିବ । ଜୀବନରେ ନୂତନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ଭାଇଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟିକ ଉନ୍ନତି ହେବ ।

**କନ୍ୟା** — ରବି, ସୋମବାରରେ ବ୍ୟବହାରିକ କାର୍ଯ୍ୟରେ ବାଧା ଦେଖାଦେବ । ମଙ୍ଗଳ, ବୁଧବାରରେ ପରିବାରରେ ସୁଖ ସନ୍ତୋଷ ବୃଦ୍ଧି ପାଇବ । ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି ହେବ । ଗୁରୁ, ଶୁକ୍ର, ଶନିବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହେବ । ବ୍ୟବସାୟିକ ପୁଞ୍ଜିନିବେଶ କରି ସଫଳ ହେବେ ।

**ତୁଳା** — ରବି, ସୋମବାରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ । ପ୍ରଶାସନିକ ଦାୟିତ୍ୱବୋଧ ରହିବ । ମଙ୍ଗଳ, ବୁଧବାରରେ ବନ୍ଧୁ ମନାନ୍ତର ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । କଠିନ ପରିଶ୍ରମର ଫଳପ୍ରାପ୍ତି ହେବ ।

**ବିଛା** — ରବି, ସୋମବାରରେ ବିଭିନ୍ନ ଦିଗରୁ ଅର୍ଥପ୍ରାପ୍ତି । ପଡ଼ୋଶୀଙ୍କ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି ପାଇବ । ଭାଇଭଉଣୀଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ଆତ୍ମବିଶ୍ୱାସର ଅଭାବ ଦେଖାଦେବ । ବ୍ୟବସାୟୀମାନେ ଦୂରଯାତ୍ର କରିପାରନ୍ତି ।

**ଧନୁ** — ରବି, ସୋମବାରରେ ସୁସ୍ୱାଦୁ ଭୋଜନ ପାଇବେ । ବସ୍ତ୍ରାଦି ଆଭୂଷଣ ସୁଖ ରହିଛି । ବନ୍ଧୁ ସହଯୋଗ ପାଇ ଆଗକୁ ବଢ଼ିବେ । ମଙ୍ଗଳ, ବୁଧବାରରେ ବିରୋଧାଭାସ ମନୋବୃତ୍ତି ରଖି କଷ୍ଟ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀ ଦୃଢ଼ମନା ହେବେ ।

**ମକର** — ରବି, ସୋମବାରରେ ପରିବାର ସହ ସୁଖଶାନ୍ତିରେ ରହିବେ । ମଙ୍ଗଳ, ବୁଧବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଆର୍ଥିକ ଯୋଜନା କାର୍ଯ୍ୟକାରୀ ହେବ । ଗୁରୁ, ଶୁକ୍ର, ଶନିବାରରେ ଉଚ୍ଚଆଶା ସଫଳ ହେବ । ବ୍ୟବସାୟିକ ଆୟ ବୃଦ୍ଧି ହେବ ।

**କୁମ୍ଭ** — ରବି, ସୋମବାରରେ ଆଶା ମୁତାବକ ଫଳ ପାଇବେ । ମଙ୍ଗଳ, ବୁଧବାରରେ ସାଙ୍ଗସାଥୀଙ୍କ ସହ ଦୂରଯାତ୍ରା କରିପାରନ୍ତି । କର୍ମକ୍ଷେତ୍ରରେ ସୁଚାରୁ ରୂପରେ କାର୍ଯ୍ୟ କରି ସୁନାମ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ଦାମ୍ପତ୍ୟ ଜୀବନରେ ସୁଖସନ୍ତୋଷ ବୃଦ୍ଧି । ବ୍ୟବସାୟ ସନ୍ତୋଷଜନକ ରହିବ ।

**ମୀନ** — ରବି, ସୋମବାରରେ ଅଯଥାରେ ବ୍ୟୟ ବହୁଳତାରେ ପଡ଼ିଯାଇପାରନ୍ତି । ମହିଳାମାନେ ହତାଦର ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ହର୍ଷୋଲ୍ଲାସ ଓ ଭ୍ରମଣଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟର ପାଇଁ ଚିନ୍ତିତ ରହିପାରନ୍ତି । କାର୍ଯ୍ୟରେ ବାଧା ଉପୁଜିପାରେ । ଗୁରୁଜନଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରନ୍ତୁ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

# ଇଣ୍ଟରଭାଲ୍ ପରର ବଲିଉଡ୍




ପ୍ରିୟବ୍ରତ ପଣ୍ଡା

ଇଣ୍ଟରଭାଲ୍ ଖାଲି ସିନେମାରେ ନୁହେଁ ସିନେମା ପାଇଁ ବି ହୁଏ, ବଦଳିଯାଉଥିବା ସମୀକରଣକୁ ଦେଖିଲେ ଏମିତି ମନେ ହୁଏ ଯେମିତି କରୋନା ମହାମାରୀ ଥିଲା ବଲିଉଡ୍ ସିନେମା ପାଇଁ ଇଣ୍ଟରଭାଲ୍ ବା ମଧ୍ୟାନ୍ତରର ସମୟ । ଗତ ପାଞ୍ଚ ବର୍ଷ ମଧ୍ୟରେ, ବଲିଉଡ୍ ସିନେମା ଇତିହାସର ସବୁଠୁ ବଡ଼ ଆହ୍ୱାନ ଏବଂ ପରିବର୍ତ୍ତନକାରୀ ପର୍ଯ୍ୟାୟ ଦେଇ ଗତି କରିଛି । କରୋନା ମହାମାରୀ ପୂର୍ବରୁ ଅନେକ କାରଣ ପାଇଁ ସମାଲୋଚିତ ହେଉଥିବା ବଲିଉଡ୍ ମହାମାରୀ ସମୟରେ ଯେମିତି ପକ୍ଷାଘାତର ଶିକାର ହେଲା, ଆଉ ତା'ର ସୁଯୋଗ ନେଇ ଓଟିଟି ପ୍ଲାଟଫର୍ମର ଅବିଶ୍ୱସନୀୟ ଅଭିବୃଦ୍ଧି ଘଟିଲା, ଦକ୍ଷିଣ ଭାରତୀୟ ସିନେମା ସର୍ବ ଭାରତୀୟ ସ୍ତରରେ ନିଜର ପ୍ରାଧାନ୍ୟ ବିସ୍ତାର କରିଚାଲିଲା, ଯେମିତି ଇଣ୍ଟରଭାଲ ପରେ କାହାଣୀରେ ନୂଆ ମୋଡ଼ ଆସେ ଠିକ୍ ସେମିତି ଗତ କିଛି ବର୍ଷରେ ବଲିଉଡ୍ ନିଜର କାହାଣୀ କହିବାର ମୋଡ଼ ବଦଳେଇଛି, କହିବାକୁ ଗଲେ ବଲିଉଡ୍ ଆଜି ପରିବର୍ତ୍ତନର ଦ୍ୱାରା ଦେଶରେ ଠିଆ ହୋଇଛି କେବଳ ବ୍ୟବସାୟ ନୁହେଁ; ବରଂ ସୃଜନଶୀଳତା ସାହିତ୍ୟ, ଇତିହାସ, ଜୀବନୀ, ସତ୍ୟଘଟଣା ଆଦି ସବୁକୁ ନେଇ ଆଜିର ପିଢ଼ି ପାଇଁ ସିନେମାର ଏକ ନୂଆ ଧାରା ସୃଷ୍ଟି କରୁଛି, ଯେଉଁ ଧାରା ବଲିଉଡ୍ ସିନେମାକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବ ବୋଲି ଆଶା ।

## ସମସ୍ୟାରୁ ସୁଯୋଗ

୨୦୨୦ ମସିହା ପ୍ରାରମ୍ଭରେ, ଯେତେବେଳେ କୋଭିଡ୍ ଭାରତରେ ବ୍ୟାପିଗଲା, ଅନ୍ୟାନ୍ୟ ଶିଳ୍ପ ଭଳି ଦେଶର ଚଳଚ୍ଚିତ୍ର ଶିଳ୍ପ ହଠାତ୍ ବନ୍ଦ ହୋଇଗଲା । ସୁଟିଂ ବନ୍ଦ ହୋଇଗଲା, ରିଲିଜ୍ ହେବାକୁ ଥିବା ଅନେକ ସିନେମା ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ହୋଇଗଲା, ମହାମାରୀ ମଲ୍ଟିପ୍ଲେକ୍ସରେ ତାଲା ଝୁଲେଇ ଦେଲା । ଚଳଚ୍ଚିତ୍ର ପରଦା ନୀରବ ହେଇଗଲା, ମଧ୍ୟାନ୍ତରର ଏ ବିରତି ଖୁବ୍ ଲମ୍ବା ଥିଲା, ରାତି ପରେ ସକାଳ ପରି ବିରତି ହଟିଲା, ହେଲେ ଏଇ ବିରତି ଏମିତି ଗୋଟେ ବିପଦ ନେଇ ଆସିବ ଏକଥା କିଏ ଜାଣିଥିଲା? ମାସ ମାସ ପରେ ଯେତେବେଳେ ଥିଏଟରଗୁଡ଼ିକ ପୁନର୍ବାର ଖୋଲିଲା, ସେତେବେଳକୁ ସିନେମାର ମାଧ୍ୟମ ଏବଂ ଦର୍ଶକ ଉଭୟ ପରିବର୍ତ୍ତନ ହେଇ ସାରିଥିଲେ ସିନେମାପ୍ରେମୀମାନେ ଘରେ ବସି ଓଟିଟି ମାଧ୍ୟମରେ ସିନେମା ଦେଖିବାର ଅଭ୍ୟସ୍ତ ହୋଇ ସାରିଥିଲେ । ନେଟ୍‌ଫ୍ଲିକ୍ସ, ଅମାଜନ ପ୍ରଇମ୍, ହଟ୍ ଷ୍ଟାର୍ ଏବଂ ସୋନିଲିଭ ଭଳି ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ଦର୍ଶକମାନଙ୍କ ପାଇଁ ନୂଆ ମଲ୍ଟିପ୍ଲେକ୍ସ ପାଲଟି ଗଲେ । 'ଗୁଲାବୋ ସିତବୋ', 'ଲୁଡୁ', 'ଶେରସହା', 'ଗୁଞ୍ଜନ ସକ୍ସେନା' ଭଳି ଫିଲ୍ମଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଥିଏଟରଗୁଡ଼ିକକୁ ଛାଡ଼ି ସିଧାସଳଖ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରିମିୟର ହେଲା । ଅବଶ୍ୟ ପରିସ୍ଥିତି ସହ ଖାପ ଖୁଆଇ ବଞ୍ଚିବାର ଏହା ଏକ ବିକଳ୍ପ ରଣନୀତି ଥିଲା, କିନ୍ତୁ ଏହା ଦ୍ୱାରା ଭଲ କଥାଟିଏ ଘଟିଲା, ଯାହା କାହାଣୀକୁ ନୂଆ ଢଙ୍ଗରେ କହିବାର ସ୍ୱାଧୀନତା ଦେଲା ସ୍ୱଳ୍ପ ବଜେଟରେ ସିନେମା ନିର୍ମାଣକୁ ପ୍ରୋତ୍ସାହିତ କଲା, ତାରକା ନୁହେଁ ବରଂ କାହାଣୀ କୈନ୍ଦ୍ରିକ ଫିଲ୍ମଗୁଡ଼ିକ ନୂତନ ଦର୍ଶକ ପାଇଲା, ବଡ଼ ପରଦାରେ ସୁଯୋଗରୁ ବଞ୍ଚିତ ଥିବା ଅନେକ ପ୍ରତିଭାବାନ ଅଭିନେତାଙ୍କ ପାଇଁ ସୁଯୋଗ ସୃଷ୍ଟି ହେଲା । ଚିରାଚରିତ ଫର୍ମୁଲାରୁ ବାହାରି କିଛି ନୂଆ କରିବା ପାଇଁ ଯେମିତି ବାଟ ଖୋଲିଗଲା, ଆଉ ସବୁଠୁ ବଡ଼କଥା ହେଲା ଓଟିଟି ପ୍ଲାଟଫର୍ମଗୁଡ଼ିକ ହିନ୍ଦୀ ସିନେମାକୁ ଯେମିତି ଗତାନୁଗତିକ ପଞ୍ଜୁରୀରୁ ମୁକ୍ତ କରିଦେଲା, ସ୍କ୍ରିନ୍ ପାଇବା ପାଇଁ ସଂଘର୍ଷ କରୁଥିବା ଅନେକ ଅଭିନେତା, ଲେଖକ, ନିର୍ଦ୍ଦେଶକ ତଥା ନିର୍ମାତାଙ୍କ ପାଇଁ ଏହା ଖୋଲିଦେଲା ସମ୍ଭାବନାର ନୂତନ ଦରଜା ।










## କାହାଣୀର ନୂଆ ମୋଡ଼

ଛୋଟ ପରଦା କାହାଣୀ କହିପାରେ ହେଲେ ସିନେମାର ବାସ୍ତବ ଅନୁଭବ ବଡ଼ ପରଦାରେ ହିଁ ଥାଏ, ୨୦୨୨ ମସିହା ମଧ୍ୟଭାଗ ସୁଦ୍ଧା, ଦର୍ଶକମାନେ ପୁଣି ଥିଏଟରକୁ ଫେରିବାକୁ ଆଗ୍ରହୀ ହେଲେ। କିନ୍ତୁ ଏଇ ବିରତି ସେମାନଙ୍କର ରୁଚିକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିଦେଇଥିଲା, ଦୀର୍ଘ ସମୟଧରି ଚାଲିଆସୁଥିବା ପାରମ୍ପରିକ ବଲିଉଡ୍ ଫର୍ମୁଲା, ରୋମାଣ୍ଟିକ୍, କମେଡି କିମ୍ବା ହସ ଲୁହର ଫ୍ୟାମିଲି ଡ୍ରାମାରୁ ଦର୍ଶକ ମୁହଁ ଫେରେଇ ନେଇଥିଲେ, ଆଉ ଯେଉଁ ସିନେମା ଦର୍ଶକଙ୍କୁ ପୁଣି ପ୍ରେକ୍ଷାଳୟକୁ ଫେରାଇ ଆଣିଥିଲା ତାହା ଥିଲା ଦକ୍ଷିଣ ଭାରତରେ ନିର୍ମାଣ ହେଉଥିବା ଉଚ୍ଚକୋଟୀର ଆକ୍ସନ, ବଡ଼ କାନ୍‌ଭାସର ସିନେମା, ଦକ୍ଷିଣ ଭାରତୀୟ ସିନେମାର ବ୍ୟୟ ବହୁଳ ଚିତ୍ରଣ, ସାଧାରଣ ଚରିତ୍ରକୁ ଅସାଧାରଣ ଭାବରେ ଦେଖାଇବାର କାଇଦା,କାହାଣୀକୁ ଆତ୍ମୀୟତା ଓ ଭାବପ୍ରବଣତାର ସହ ପରଷି ଦେବାର ପ୍ରଚେଷ୍ଟା ଖାଲି ପଡ଼ିଥିବା ସିନେମା ହଲ୍‌କୁ ପୁଣି ପ୍ରବଳ ଭିଡ଼ କରି ଦେଇଥିଲା।

'ଆର୍.ଆର୍.ଆର୍', 'ପୁଷ୍ପା', 'କେଜିଏଫ୍ ଚାପ୍ଟର ୨' ଏବଂ 'କାନ୍ତାରା' ଭଳି ଚଳଚ୍ଚିତ୍ରଗୁଡ଼ିକ ଯେମିତି ଭାରତୀୟ ସିନେମାର ଦଶା ଆଉ ଦିଶା ବଦଳେଇ ଦେଇଥିଲେ, ସେହି ସିନେମାଗୁଡ଼ିକ ସାଉଁଟି ଥିବା ଆଶାତୀତ ସଫଳତା ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା ଯେ, ଆମ ଦର୍ଶକମାନେ ଖାଲି ତାରକା କି ଗ୍ଲାମର ନୁହେଁ, ବରଂ ଆମ ସଂସ୍କୃତି, ଆମ ମୂଲ୍ୟବୋଧ , ଆମ ମାଟିର କାହାଣୀକୁ ସିନେମାଟିକ୍ ସ୍କେଲ୍‌ରେ ବଡ଼ ପରଦାରେ ଦେଖିବାକୁ ଚାହାନ୍ତି, ତେଣିକି ଭାଷା ଯାହାବି ହେଉ। ଜୋର୍ ଧରିଲା 'ପାନ୍ ଇଣ୍ଡିଆ' ରିଲିଜ ଫର୍ମୁଲା, ଅନେକ ପ୍ରାନ୍ତୀୟ ସିନେମା ହିନ୍ଦୀ ତଥା ଅନ୍ୟ ଭାରତୀୟ ଭାଷାରେ ଡବିଂ ହୋଇ ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ କଲା ଏବଂ ଦର୍ଶକୀୟ ଆଦୃତି ସହ ବ୍ୟବସାୟିକ ସଫଳତା ବି ପାଇଲା। ଅନେକ ଭବିଷ୍ୟବାଣୀ କଲେ କି ଦକ୍ଷିଣ ଭାରତୀୟ ସିନେମାର ବାଦଲ ବଲିଉଡ୍‌ର ଚମକକୁ ଢାଙ୍କି ଦେବ, କିନ୍ତୁ ଦକ୍ଷିଣ ଭାରତୀୟ ସିନେମାର ଏହି ପ୍ରଭାବକୁ ବଲିଉଡ୍ ଏକ ଆହ୍ୱାନ ଭାବରେ ଗ୍ରହଣ କଲା, ମୁକ୍ତିଲାଭ କଲା ବ୍ରହ୍ମାସ୍ତ୍ର ଯାହା ପ୍ରଥମଥର ପାଇଁ ଏକ ଇଣ୍ଡିଆନ୍ ସୁପର୍ ହିରୋ ୟୁନିଭର୍ସ ପାଇଁ ପ୍ରୟାସ ଆରମ୍ଭ କରିଥିଲା। ପରେ ପରେ 'ଦୃଶ୍ୟମ୍ ୨' ଏକ ଆକର୍ଷଣୀୟ କାହାଣୀ ଯାହା ପୁନଃ ନିର୍ମାଣ ହେଲେବି ବଲିଉଡ୍ ପାଇଁ ଏକ ଉଦାହରଣ ସ୍ଥାପନ କରିଥିଲା। ସେହିପରି 'ଭୁଲ୍ ଭୁଲୈୟା-୨', 'ସ୍ତ୍ରୀ ୨' ଓ 'ଦି କାଶ୍ମୀର ଫାଇଲ୍ସ' ହିନ୍ଦୀ ସିନେମାର ବିବିଧ ଧାରାକୁ ପରିବର୍ତ୍ତିତ କରିଥିଲା। ଶାନ୍ତ ପଡ଼ିଥିବା ଥିଏଟର୍‌ଗୁଡ଼ିକ ପୁଣି ଗୁଞ୍ଜରିତ ହେଉଥିଲା ସତ, କିନ୍ତୁ ଏହା ସ୍ପଷ୍ଟ ଥିଲା ଯେ, ପୁରୁଣା ଫର୍ମୁଲା, ପରିବାରବାଦ, ବଲିଉଡ୍ ସିନେମା ଉପରେ ମୁଷ୍ଟିମେୟଙ୍କ ଏକଚାଟିଆ ଅଧିକାର ଓ ଷ୍ଟାରଙ୍କ ଯୁଗର ପତନ ହେବାକୁ ଯାଉଛି।







## ସାଉଥର ସାଇରନ୍

ଗତ ପାଞ୍ଚ ବର୍ଷ ମଧ୍ୟରେ ଯଦି କୌଣସି ଶକ୍ତି ପ୍ରକୃତରେ ବଲିଉଡ୍‌ର ଡିଏନ୍‌ଏ ପରିବର୍ତ୍ତନ କରିଛି, ତେବେ ତାହା ହେଲା ଆଞ୍ଚଳିକ ସିନେମାର ଉତ୍ଥାନ। ତେଲୁଗୁ, କନ୍ନଡ଼, ମାଲାୟଲମ୍ ଏବଂ ତାମିଲ ଚଳଚ୍ଚିତ୍ର ନିର୍ମାତାମାନଙ୍କ ଉଚ୍ଚକୋଟୀର ଫିଲ୍ମ ନିର୍ମାଣ, ସ୍ଥାନୀୟ ସଂସ୍କୃତି, ପର୍ବପର୍ବାଣି ଆଦିର ନିଛକ ଚିତ୍ରଣ ଏବଂ ପାରିବାରିକ ମୂଲ୍ୟବୋଧକୁ ନେଇ ଭାବପ୍ରବଣ କାହାଣୀ କହିବାର ଶୈଳୀ ଏପରି ମାନଦଣ୍ଡ ସ୍ଥାପନ କଲା ଯାହାକୁ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତାମାନେ ଆଉ ଅଣଦେଖା କରିବା ସମ୍ଭବ ହେଲା ନାହିଁ। 'କେଜିଏଫ୍-୨', 'ଆର୍‌ଆର୍‌ଆର୍', 'ପୁଷ୍ପା', 'କାନ୍ତରା' ଆଦି ଫିଲ୍ମ କେବଳ ହିଟ୍ ହୋଇ ନଥିଲା, ବରଂ ଏମିତି ମନେହେଲା ଯେମିତି ପରଦାରେ ସାଂସ୍କୃତିକ ଉତ୍ସବର ଆୟୋଜନ ହେଉଥିଲା, ଏହି ପରିବର୍ତ୍ତନ ବଲିଉଡ୍‌ରେ ଏକ ସୃଜନଶୀଳ ଜାଗରଣ ସୃଷ୍ଟି କଲା। ଅନେକ ନିର୍ଦ୍ଦେଶକ ଭାରତୀୟ ପୌରାଣିକ ଗାଥା, ଇତିହାସ, ଲୋକକଥା ଏବଂ ଆଞ୍ଚଳିକ କାହାଣୀଗୁଡ଼ିକକୁ ନେଇ ପରଦାକୁ ଆସିଲେ ନିର୍ମାଣ ହେଲା 'ତାନାଜି', 'ବ୍ରହ୍ମାସ୍ତ୍ର', 'ଆଦିପୁରୁଷ', 'ଛାୱା' ଭଳି ଅନେକ ଚଳଚ୍ଚିତ୍ର।

'କାନ୍ତାରା' ଭଳି ଅନ୍ୟ କିଛି ହିନ୍ଦୀ ଡବ୍ ସିନେମାର ସର୍ବ ଭାରତୀୟ ଲୋକପ୍ରିୟତା ନିର୍ମାତାମାନଙ୍କ ପାଇଁ ଏକ ନୂଆ ମାର୍ଗ ପ୍ରଶସ୍ତ କରିଦେଲା, ନିର୍ମାତାମାନେ ଜାତୀୟ ପ୍ରାନ୍ତୀୟ ସୀମାକୁ ଟପି ୨୦୨୪ ମସିହା ସୁଦ୍ଧା ଏକ ହାଇବ୍ରିଡ୍ ସିନେମାଟିକ୍ ଫର୍ମୁଲା ସୃଷ୍ଟି କରିସାରିଥିଲେ, ଯେମିତି ହିନ୍ଦୀ ସିନେମାରେ ଦକ୍ଷିଣ ଭାରତୀୟ ନିର୍ଦ୍ଦେଶକ, ଅଭିନେତା ଅଭିନେତ୍ରୀ ଏବଂ ସ୍ଥାନୀୟ ସ୍ୱାଦ ଓ ଭାବପ୍ରବଣ ମିଶ୍ରିତ କାହାଣୀ, କହିବାକୁ ଗଲେ ବଲିଉଡ୍ ଆଉ ଦକ୍ଷିଣ ଭାରତୀୟ ସିନେମାର ଯୁଗଳ ବନ୍ଦୀ, ଶାହରୁଖ ଖାନ୍‌ଙ୍କ 'ପଠାଣ' ଏବଂ 'ଜବାନ', ସନ୍ନି ଦେଓଲଙ୍କ 'ଗଦର-୨', ରଣବୀର କପୁରଙ୍କ 'ଆନିମଲ୍' ଆଦି ସିନେମା ପୁଣିଥରେ ବଲିଉଡ୍‌କୁ ବ୍ଲକ୍ ବାଷ୍ଟର୍ ଦେବାର ଫର୍ମୁଲା ଶିଖେଇ ଦେଇଥିଲା। ସାମୂହିକ ଭାବରେ ଏହି ଚଳଚ୍ଚିତ୍ରଗୁଡ଼ିକ ତିନି ହଜାର କୋଟିରୁ ଅଧିକ ଆୟ କରିଥିଲା, ଯାହା ସୂଚାଇ ଦେଉଥିଲା ଯେ, ବଲିଉଡ୍‌ର ଭଲ ସମୟ ଆସିବାକୁ ଯାଉଛି।

ଏ ଆନନ୍ଦ ଭିତରେ ଗୋଟିଏ ଅପବାଦ ବଲିଉଡ୍ ପାଇଁ କାଲି ଥିଲା ଆଉ ଆଜି ବି ରହିଛି, ଯାହାର ନା ହେଉଛି ରିମେକ୍, ଆଗପରି ଆଜି ବି ଅନେକ ନିର୍ମାତା ତଥା ଆଗଧାଡ଼ିର ନାୟକ ମୌଳିକ କାହାଣୀ ନିର୍ମାଣ ପରିବର୍ତ୍ତେ ରିମେକ୍ ଉପରେ ଭରସା କରୁଛନ୍ତି, ସେମାନେ ବୁଝିବା ଆବଶ୍ୟକ ଯେ ଏବେ କୌଣସି ଭାଷାର ସିନେମା କୌଣସି ଭାଷାର ଦର୍ଶକ ପାଖରେ ପହଞ୍ଚିବାର କୌଣସି ପ୍ରତିବନ୍ଧକ ନାହିଁ, ସେଥିପାଇଁ ତ ଏକଦା ସଫଳତାର ସରଳ ସୂତ୍ର ପାଲଟିଥିବା ରିମେକ୍ ଏବେ ବିଫଳତାର ପ୍ରଥମ କାରଣ ପାଲଟି ଯାଇଛି। 'କିସିକା ଭାଇ କିସିକା ଜାନ୍', 'ଭୋଲା', 'ସେଲ୍‌ଫି', 'ରାଧେ', 'ଧମାକା', 'ବେବି ଜନ୍', 'ତଡ଼ପ', 'ବିକ୍ରମ ବେଧା', 'ହିଟ୍', 'କଟପୁତଲି', 'ଜର୍ସି', 'ମିଲି', 'ସେହେଜାଦା', 'ଲକ୍ଷ୍ମୀ ବମ୍','ସିକନ୍ଦର' ଭଳି ଅନେକ ବଡ଼ ବଜେଟ୍ ଆଉ ବଡ଼ ତାରକାଙ୍କୁ ନେଇ ନିର୍ମିତ ସିନେମାକୁ ଦର୍ଶକ ଖାଲି ପ୍ରତ୍ୟାଖ୍ୟାନ କରିନାହାନ୍ତି ବରଂ ଭୀଷଣ ସମାଲୋଚନା ବି କରିଛନ୍ତି, ଆଗାମୀ ଦିନରେ ରିମେକ୍‌ରୁ ଦୂରେଇ ରହିବାରେ ହିଁ ବଲିଉଡ୍‌ର ମଙ୍ଗଳ।



# ପରିବର୍ତ୍ତନ ଓ ପ୍ରାଥମିକତା


ପରିବର୍ତ୍ତନ ସମୟର ନିୟମ ଠିକ୍ ସେମିତି ଏହି କିଛି ବର୍ଷ ଭିତରେ ଚଳଚ୍ଚିତ୍ର ଦେଖୁଥିବା ଦର୍ଶକର ରୁଚିରେ ବଡ଼ ପରିବର୍ତ୍ତନ ଆସିଛି, ଏବେ ସାଧାରଣ ଦର୍ଶକଟିଏ ବି ଦେଖିବାକୁ ଯାଉଥିବା ସିନେମାର କାହାଣୀ, ଚରିତ୍ର ଗୁଣବତ୍ତାକୁ ନେଇ ଖୁବ୍ ସଚେତନ, ଟିକେଟ ପାଇଁ ୪୦୦ରୁ ୫୦୦ ଟଙ୍କା ଦେବାରେ ତା'ର ଦ୍ୱିଧା ନାହିଁ। ତେବେ ସର୍ତ୍ତ ଏଇଆ ଯେ ସିନେମା ଦେଖି ତା'ର ସେ ଟଙ୍କା ଅସୁଲ ହେବା ଦରକାର, ନଚେତ୍ ଓଟିଟି ଜିନ୍ଦାବାଦ। ଏହି ସମୀକରଣ ନିର୍ମାତାମାନଙ୍କୁ ସେମାନଙ୍କର ରଣନୀତିକୁ ପୁନଃବିଚାର କରିବାକୁ ବାଧ୍ୟ କରିଛି। ବଡ଼ ବଜେଟ୍‌ର ବଡ଼ ସିନେମାକୁ ଇଭେଣ୍ଟ ଫିଲ୍ମ ଭାବରେ ଥିଏଟର୍‌ରେ ରିଲିଜ କରାଯାଉଥିବା ବେଳେ ଛୋଟ, ବିଷୟବସ୍ତୁ ଆଧାରିତ କାହାଣୀଗୁଡ଼ିକ ଷ୍ଟ୍ରିମିଂ ପ୍ଲାଟଫର୍ମରେ କିମ୍ବା ସୀମିତ ଥିଏଟର ପ୍ରଦର୍ଶନ ମାଧ୍ୟମରେ ସଫଳତା ପାଉଛନ୍ତି। ପରିଣାମ ସ୍ୱରୂପ ଏବେ ସିନେମା ଦୁଇ ଭାଗରେ ବିଭକ୍ତ ଗୋଟେ ପଟେ ପ୍ରେକ୍ଷାଳୟକୁ ଆସୁଥିବା ବିଗ୍ ବଜେଟ୍ ହାଇ ସ୍କେଲ୍ ସିନେମା ଓ ଅପରପଟେ ମଲ୍ଟିପ୍ଲେକ୍ସ ଓ ଓଟିଟିରେ ରିଲିଜ୍ ହେଉଥିବା କାହାଣୀ କୈନ୍ଦ୍ରିକ ଏବଂ ପ୍ରସଙ୍ଗ ଆଧାରିତ ସିନେମା। ତା' ଅର୍ଥ ଏଇଆ ନୁହେଁ ଯେ ସବୁ ବଡ଼ ବଜେଟର ସିନେମା ସଫଳ ହେଉଛି ଆଉ କମ୍ ବଜେଟର ସିନେମା, ଛୋଟ ସିନେମା ଗୁଡ଼ିକ କେବଳ ଓଟିଟି ଭରସାରେ ରହିଛନ୍ତି। ଅନେକ ବଡ଼ ତାରକା ତଥା ବଡ଼ ନିର୍ଦ୍ଦେଶକଙ୍କ ସିନେମା ସୁପର ଫ୍ଲପ୍ ହେଇଥିବା ବେଳେ ସ୍ୱଳ୍ପ ବଜେଟ୍ ତଥା ନବାଗତଙ୍କ ସିନେମା ସୁପର ହିଟ୍‌ର ମାନ୍ୟତା ପାଇଛି ଏଇ ଯେମିତି 'ସମ୍ରାଟ ପୃଥ୍ୱୀ', 'ବଡେ ମିଆଁ ଛୋଟେ ମିଆଁ', 'ଲାଲ ସିଂ ଚଢ୍ଢା', 'ସର୍କସ', 'ସରଫିରା', 'ସେଲ୍‌ଫି', 'ସନ୍ ଅଫ ସର୍ଦ୍ଦାର ୨', 'ଗଣପତ୍', 'ବଚ୍ଚନ ପାଣ୍ଡେ', 'ଆଦିପୁରୁଷ' ଭଳି ଅତ୍ୟନ୍ତ ବ୍ୟୟବହୁଳ ବିଗ୍ ଷ୍ଟାରର ସିନେମାକୁ ଦର୍ଶକ ପ୍ରତ୍ୟାଖ୍ୟାନ କରିଥିବା ବେଳେ 'ଲାପତା ଲେଡିଜ୍', '12Th ଫେଲ୍', 'ସୈୟାରା', 'କାଶ୍ମୀର ଫାଇଲ୍', 'ମହାବତାର ନରସିଂହ', 'ଗଦର୍ ୨', 'ସ୍ତ୍ରୀ ୨', 'ମୁଞ୍ଜ୍ୟା', ଭଳି ଛୋଟ ବଜେଟର ସିନେମାକୁ ଭରପୂର ଭଲପାଇବା ଦେଇଛନ୍ତି, ଏଥିରୁ ସ୍ପଷ୍ଟ ଯେ କେବଳ ବଡ଼ ତାରକା କି ବ୍ୟୟ ବହୁଳ ଚିତ୍ରଣ ନୁହଁ, ବରଂ ଭଲ କାହାଣୀ ଆଉ କାହାଣୀକୁ କହିବାର ଶୈଳୀ ହିଁ ନୂଆ ପିଢ଼ିକୁ ପୁଣି ପ୍ରେକ୍ଷାଳୟକୁ ଫେରାଇ ଆଣିବାରେ ସମର୍ଥ ହେବ।













## ବିପର୍ଯ୍ୟୟରୁ ବିଜୟ

୨୦୨୪ ମସିହା ବଲିଉଡ୍ ପାଇଁ ଏକ ଆଶା ଓ ଆଶ୍ୱାସନା ବର୍ଷ ଥିଲା। ବକ୍ସ-ଅଫିସ୍‌ରେ ପୁଣି ଚମକ ଦେଖିବାକୁ ମିଳିଥିଲା ହିନ୍ଦୀ ଫିଲ୍ମ ଶିଳ୍ପରେ। ଏହି ବର୍ଷ ୫୦୦୦ କୋଟିରୁ ଅଧିକ ରୋଜଗାର କରିଥିଲା, ଯଦିଓ ସମସ୍ତ ମୁକ୍ତିଲାଭ କରିଥିବା ସିନେମାକୁ ଦେଖିଲେ ସଫଳତା ହାର ପ୍ରାୟ ୨୫ ରୁ ୩୦% ରହିଛି। ବଡ଼ ବଡ଼ ସିନେମା ଭଲ ବ୍ୟବସାୟ କରୁଥିଲେ ବି ୭୦ ଭାଗ ସିନେମା ଏବେ ବି ନିବେଶ କରିଥିବା ଅର୍ଥ ଫେରି ପାଇବାକୁ ସଂଘର୍ଷ କରୁଥିବାର ଦେଖା ଯାଉଛି। ଏହାର କାରଣ ହେଉଛି ତାରକାମାନଙ୍କର ମୋଟା ଫିସ୍ ଓ ଅନେକ ଅପବ୍ୟୟ ଯାହା ସିନେମାର ବଜେଟ୍‌କୁ ଅନାବଶ୍ୟକ ଭାବରେ ବୃଦ୍ଧି କରିଦେଉଛି। ତେବେ ଆଞ୍ଚଳିକ ସିନେମା ସବୁ ସ୍ୱଳ୍ପ ବ୍ୟୟରେ ନିର୍ମାଣ ହେଉଥିବାରୁ ପ୍ରେକ୍ଷାଳୟ, ସାଟେଲାଇଟ୍ ଏବେ ଓଟିଟି ରାଇଟ୍‌ରୁ ସେମାନେ ନିଜ ନିବେଶ ଫେରିପାଇବାକୁ ସମର୍ଥ ହେଉଛନ୍ତି। ଏହାର ଦୁଇଟି ବଡ଼ ଉଦାହରଣ ଭାବରେ ନିଆଯାଇପାରେ ନିକଟରେ ରିଲିଜ୍ ହୋଇଥିବା ଦୁଇଟି ବ୍ୟୟବହୁଳ ସିନେମା 'ୱାର' ଏବଂ 'କୁଲି', 'ୱାର'ରେ ଜୁନିଅର ଏନ୍‌ଟିଆର୍‌ଙ୍କ ସହିତ ହ୍ରିତିକ୍ ରୋଷନ୍‌ଙ୍କ ଯୋଡ଼ି ଏବଂ 'କୁଲି'ରେ ଯେମିତି ତାରକାଙ୍କ ଭିଡ଼ ଜମିଥିଲା ରଜନୀକାନ୍ତଙ୍କ ସହିତ ଅମିର ଖାନ୍, ନାଗାର୍ଜୁନ, ଉପେନ୍ଦ୍ରଙ୍କ ଭଳି ଅନେକ ସୁପର ଷ୍ଟାର୍‌ଙ୍କୁ ନିଆଯାଇଥିଲେ ବି ଉଭୟ ସିନେମାରୁ ଆଶା କରାଯାଉଥିବା ସଫଳତା ମିଳିପାରି ନଥିଲା। ଫର୍ମୁଲା ତଥା ତାରକା କାନ୍ଧରେ ଝୁଲି ପଡ଼ିଥିବା ବଲିଉଡ୍ ଏବେ ଆତ୍ମନିରୀକ୍ଷଣ ଆରମ୍ଭ କରିଛି।















ପରୀକ୍ଷଣଶୀଳ ହେବାକୁ ଚେଷ୍ଟା କରିଛି ଭେଦ୍, ଆର୍ଟିକିଲ୍ 370, ଥାପ୍‌ଡ଼ ଏବଂ ଛାପାକ୍ ଭଳି ସାମାଜିକ ସମ୍ବେଦନଶୀଳ କାହାଣୀକୁ ପରଦାକୁ ଆଣିବାର ଦୁଃସାହସ କରିଛି । ଏକଥା ବି ପ୍ରମାଣିତ କରିଛି ଯେ, କହି ଜାଣିଲେ ପୁରୁଣା କାହାଣୀ ବି ଦର୍ଶକଙ୍କୁ ନୂଆ ଚମକ ଦେଇପାରେ, ତା'ର ସବୁଠୁ ବଡ଼ ଉଦାହରଣ ଗଦର ୨ ଏବଂ ରକି ଔର ରାନୀ କି ପ୍ରେମ କାହାଣୀ, ବହୁଳ ଭାବରେ ନାୟକ ନେତୃତ୍ୱାଧୀନ କାହାଣୀ କହୁଥିବା ବଲିଉଡ୍ ଏବେ ମହିଳା ନେତୃତ୍ୱାଧୀନ ଚଳଚ୍ଚିତ୍ରଗୁଡ଼ିକକୁ ପ୍ରାଥମିକତା ଦେଇ ନିର୍ମାଣ କରିଛି । 'ଗଙ୍ଗୁବାଈ କାଠିଆୱାଡି', 'ଡାର୍ଲିଙ୍ଗସ୍' ଏବଂ 'ଶ୍ରୀମତୀ ଚାଟାର୍ଜୀ ଭର୍ସେସ୍ ନରୱେ' ଯାହା ପ୍ରମାଣିତ କରିଛି ଯେ, ଦୃଢ଼ ମହିଳା କୈନ୍ଦ୍ରିକ କାହାଣୀ ବି ଦର୍ଶକଙ୍କୁ ଆକର୍ଷିତ କରିବାର ସାମର୍ଥ୍ୟ ରଖେ । ଏହି ଧାରାରେ ଯୋଡ଼ି ହୋଇଛି - '12Th ଫେଲ୍', 'ଚନ୍ଦୁ ଚାମ୍ପିଅନ୍', 'ଶ୍ରୀକାନ୍ତ','ସର୍ଫିରା', 'ମେ ଅଟଲ ହୁଁ', 'ବିର୍ ସଭରକର', 'ସେର୍ ସାହା', 'ଶକୁନ୍ତଳା ଦେବୀ', 'ସାମ ବାହାଦୁର', 'ରକେଟ୍ରୀ', 'ମେଜର', 'କାଗଜ', 'ସାବାସ୍ ମିଠୁ' ପ୍ରଭୃତି ଅନେକ ଆତ୍ମଜୀବନୀ ଯାହା ପ୍ରମାଣିତ କରିଛି ଯେ, ଆତ୍ମଜୀବନୀ କେବଳ ବହିରେ ନୁହେଁ ସିନେମାରେ ବି ନିଜର ଚମକ ଦେଖାଇ










ପାରେ । ବିଗତ ୫ ବର୍ଷରେ ବଲିଉଡ୍ ନିର୍ମାଣ କରିଛି ସବୁଠୁ ଅଧିକ ବାୟୋପିକ୍, କେବେ ଇତିହାସ କହିଲେ ମୋଗଲ ଗୌରବର କାହାଣୀ କହୁଥିବା ବଲିଉଡ୍ ଏବେ ନିଜ ଜାତିର ବରପୁତ୍ରଙ୍କ କାହାଣୀ କହିବା ଆରମ୍ଭ କରିଛି । ସେହି ଧାରାରେ ନିର୍ମାଣ ହେଇଛି 'ତାନାଜି', 'ଛାଭା', 'ଫୁଲେ',' କେଶରୀ ୨', 'ସମ୍ରାଟ ପୃଥ୍ୱୀ', 'ସର୍ଦ୍ଦାର ଉଦ୍ଧମ', 'ଭୁଜ' ଆଦି ସିନେମା ଆଉ ରଚିଛି ନୂଆ ଗୌରବମୟ କୀର୍ତ୍ତିମାନ । ଖାଲି ସେତିକି ନୁହଁ ଭାରତର ପୌରାଣିକ ମହାଗାଥା ପୁଣି ଫେରିଛି ବଡ଼ ପରଦାକୁ 'ଆଦି ପୁରୁଷ', 'କଳ୍କୀ', 'ବ୍ରହ୍ମସ୍ତ୍ର', 'ରାମସେତୁ', 'ମହାବତାର ନରସିଂହ', 'ରାମାୟଣ' ତା'ର ସବୁଠୁ ବଡ଼ ଉଦାହରଣ ।

୨୦୨୫ ମସିହାରେ ବି ବଲିଉଡ୍‌ର ସଫଳତାର ଯାତ୍ରା ଜାରି ରହିଛି । 'ଛାବା','ରେଡ୍ ୨', 'ସୈୟାରା','ୱାର ୨', 'ସ୍କାଏ ଫୋର୍ସ', 'ସୀତାରେ ଜମିନ୍ ପର' , 'ହାଉସଫୁଲ ୫', 'ୱାର', 'ଜଲି ଏଲ୍ଏଲ ବି ୩' ଭଳି ଚଳଚ୍ଚିତ୍ରଗୁଡ଼ିକ ସାମୂହିକ ଭାବରେ ଘରୋଇ ବକ୍ସ-ଅଫିସ୍ ରାଜସ୍ୱରେ ପ୍ରାୟ ୫,୦୦୦ କୋଟି ଟଙ୍କା ଯୋଗଦାନ କରିଛନ୍ତି । କିନ୍ତୁ ଏ ସମସ୍ତଙ୍କ ଉପରେ ଭାରି ପଡ଼ିଛି 'କାନ୍ତରା ଚାପ୍ଟର-୧', ସର୍ବଭାରତୀୟ ସ୍ତରରେ ଏହି ସିନେମା ସଫଳତାର ଏକ ନୂଆ ଅଧ୍ୟାୟ ଯୋଡ଼ିଛି । ଯାହାକି ବଲିଉଡ୍ ପାଇଁ ଏକ ନୂଆ ଆହ୍ୱାନ ସତ କିନ୍ତୁ ବଲିଉଡର ମୁକ୍ତିଲାଭ ଅପେକ୍ଷାରେ ଥିବା ରଣବୀର କପୁର, ସାଇପଲ୍ଲବି, ଏବଂ ୟଶଙ୍କ ଅଭିନୀତ 'ରାମାୟଣ' , 'ରଣବୀର ସିଂ' , ସଞ୍ଜୟ ଦତ୍ତ, ଅକ୍ଷୟ ଖନା , ଆର୍ ମାଧବନ୍‌ଙ୍କ 'ଧୁରନ୍ଧର', ସଞ୍ଜୟ ଲୀଳା ଭଂସାଲିଙ୍କ ନିର୍ଦ୍ଦେଶିତ 'ଲଭ୍ ଆଣ୍ଡ ୱାର୍', ସାହରୁଖ ଖାନ୍‌ଙ୍କ 'କିଙ୍ଗ', ହ୍ରିତିକ୍ ରୋଷନଙ୍କ 'କ୍ରିଷ୍ – ୪', ସନ୍ନି ଦେଓଲଙ୍କ 'ବର୍ଡର ୨' ଓ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ପ୍ରଭାସଙ୍କ ଅଭିନୀତ 'ସ୍ପିରିଟ' ଓ ରଣବୀରଙ୍କ ଅଭିନୀତ 'ଆନିମାଲ୍ ପାର୍କ' ଆଦି ସିନେମାଗୁଡ଼ିକର ତାଲିକା ଦେଖିଲେ ଆଗାମୀଦିନରେ ବଲିଉଡ୍ ଯେ ବଡ଼ ଧମାକା କରିବ ଏଥିରେ ସନ୍ଦେହ ନାହିଁ ।

## ବଲିଉଡ୍‌ର କାଲି, ଆଜି ଓ ଆସନ୍ତା କାଲି

୨୦୨୦ ରୁ ୨୦୨୫ ମସିହା ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ବଲିଉଡ୍ ପରିବର୍ତ୍ତନର ଏକ ଲମ୍ବା ରାସ୍ତା ଅତିକ୍ରମ କରିଛି । ସଙ୍କଟରୁ ନେଇ ସଂଶୋଧନ ଏବଂ ସତର୍କତାର ସହ ପୁନରୁତ୍‌ଥାନ ପର୍ଯ୍ୟନ୍ତ ସଂଘର୍ଷର ଏ ଯାତ୍ରା ଦିଗହରା ହୋଇଯାଉଥିବା ବଲିଉଡ୍‌କୁ ପୁଣିଥରେ ସଫଳତାର ଧାରାକୁ ଫେରାଇ ଆଣିଛି । FICCI-EY ମିଡିଆ ଏବଂ ମନୋରଞ୍ଜନ ରିପୋର୍ଟ ୨୦୨୫ ଅନୁଯାୟୀ, ଭାରତର ସାମଗ୍ରିକ ଚଳଚ୍ଚିତ୍ର ମନୋରଞ୍ଜନ ଶିଳ୍ପ ୨୦୨୪ ମସିହାରେ ୧୬% ବୃଦ୍ଧି ପାଇଛି । କେବଳ ହିନ୍ଦୀ ଚଳଚ୍ଚିତ୍ର ମୋଟ ବକ୍ସ-ଅଫିସ ରାଜସ୍ୱରେ ପ୍ରାୟ ୫,୨୮୦ କୋଟି ଯୋଗଦାନ ଦେଇଛି , ଯାହା ୨୦୨୩ ତୁଳନାରେ ୨୪% ଅଧିକ । ପି ଭି ଆର୍, ଆଇନକ୍ସ ପରି ମଲ୍ଟିପ୍ଲେକ୍ସ ଚେନ୍ ରିପୋର୍ଟ କରିଛନ୍ତି ଯେ , ଟାୟାର-୨ ଏବଂ ଟାୟାର-୩ ସହରରେ ମଲ୍ଟିପ୍ଲେକ୍ସରେ ସିନେମା ଦର୍ଶକଙ୍କ ସଂଖ୍ୟା ୧୮ % ବୃଦ୍ଧି ପାଇଛି, ଯାହା ଦର୍ଶାଉଛି ଯେ କେବଳ ମେଟ୍ରୋ ସହରରେ ନୁହେଁ ବରଂ ଛୋଟ ସହରର ଦର୍ଶକ ମଧ୍ୟ ବଲିଉଡ ବିକାଶର ଭାଗୀଦାର ହୋଇଛନ୍ତି । ଏକଥା ବି ସତ ମଲ୍ଟିପପ୍ଲେକ୍ସର ଦାମିକା ଟିକେଟ୍ ଓ ଆନୁଷଙ୍ଗିକ ଖର୍ଚ୍ଚର ମାତ୍ରାଧିକ ମୂଲ୍ୟ ପାଇଁ ଅନେକ ମଧ୍ୟବିତ୍ତ ଦର୍ଶକ ଇଚ୍ଛା ଥିଲେ ବି ସିନେମା ଦେଖିବାରୁ ବଞ୍ଚିତ ହେଉଛନ୍ତି କିମ୍ବା ଓଟିଟି ଏବଂ ଟିଭିରେ କେବେ ସିନେମା ଆସିବା ସେଥିପାଇଁ ଅପେକ୍ଷା କରି ରହୁଛନ୍ତି । ସିଙ୍ଗିଲ୍ ଥିଏଟରରେ ବୃଦ୍ଧି ତଥା ଟିକେଟ ମୂଲ୍ୟ ହ୍ରାସ ଘଟିଲେ ବଲିଉଡ୍ ସିନେମା ଆହୁରି ବଡ଼ ବଡ଼ ରେକର୍ଡ ସୃଷ୍ଟି କରିବାକୁ ସମର୍ଥ ହବ ନିଶ୍ଚୟ । ୨୦୧୦ ମସିହାରେ ବଲିଉଡ୍ ସିନେମାର ବଡ଼ ମାପଦଣ୍ଡ ଥିଲା ଷ୍ଟାରଡମ୍, ଷ୍ଟାର୍‌ମାନଙ୍କ ନାଁରେ ସିନେମା ଚାଲୁଥିଲା । ତେବେ ୨୦୨୦ ମସିହା ହେଲା କାହାଣୀର, କାହାଣୀ ପାଲଟିଗଲା ନାୟକ, ପରିବେଷଣର ନୂଆ ଶୈଳୀ ଓ ସିନେମାଟିକ୍ ଏକ୍ସପେରୀମେଣ୍ଟ ପାଲଟିଗଲା ସିନେମାର ମାପଦଣ୍ଡ । ପ୍ରାନ୍ତୀୟ ସିନେମାର ଉତ୍‌ଥାନ ବଲିଉଡ୍ ପାଇଁ ଘାତକ ନୁହେଁ, ବରଂ ସମସ୍ତଙ୍କ ମିଳିତ ଉଦ୍ୟମ ସର୍ବଭାରତୀୟ ସିନେମାକୁ ଆଉ ପାଦେ ଆଗକୁ ନେବାକୁ ସହାୟକ ହେବ । ଆଗାମୀ ଦଶକରେ ଭାରତୀୟ ସିନେମା କେବଳ ଭାରତରେ ନୁହଁ, ବରଂ ବିଶ୍ୱ ବଜାରରେ ନିଜର ସ୍ଥିତି ଜାହିର କରିବ ବୋଲି ବିଶ୍ୱାସ । ■

ମୋ: ୯୮୫୩୧୯୪୬୦୦





# ୨୦୨୫ର ଚର୍ଚ୍ଚିତ ସିନେମା





ସତ୍ୟବ୍ରତ ପାଣିଗ୍ରାହୀ

**ବିଗତ କିଛି ବର୍ଷ ଧରି ଭାରତୀୟ ସିନେମାର ରୂପରେଖ ବଦଳିଛି । ଦର୍ଶକଙ୍କ ରୁଚିକୁ ଆଖି ଆଗରେ ରଖି ଭିନ୍ନ ଧରଣର କାହାଣୀ ପ୍ରସ୍ତୁତ ହେଉଛି । ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଯୋଗୁଁ ଚଳଚ୍ଚିତ୍ର ନିର୍ଦ୍ଦେଶନା ଏବଂ ନିର୍ମାଣରେ ମଧ୍ୟ ରୂପାନ୍ତରଣ ଘଟିଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଅନେକ ବଲିଉଡ୍ ସିନେମା ରିଲିଜ୍ ହୋଇଛି । କିନ୍ତୁ ହିନ୍ଦୀ ଭାଷାରେ ରିଲିଜ୍ ହୋଇଥିବା କିଛି ସିନେମା ବ୍ୟବସାୟିକ ଦୃଷ୍ଟିକୋଣରୁ ଓ ଦର୍ଶକଙ୍କ ଭଲ ପାଇବାକୁ ନେଇ ଚହଳ ସୃଷ୍ଟି କରି ଅନେକ ସଫଳତା ପାଇଛି ।**

## ସୈୟାରା



ପ୍ରେମର ନିଚ୍ଛକ ଝଲକ୍ ଦେଖାଉଥିବା ତଥା ଯୁବପିଢ଼ିଙ୍କୁ ସିନେମା ହଲରେ କନ୍ଦାଇଥିବା ସିନେମା ହେଉଛି 'ସୈୟାରା'। ଯଶରାଜ ବ୍ୟାନରରେ ନିର୍ମିତ ଏହି ସିନେମାକୁ ମୋହିତ ସୂରି ନିର୍ଦ୍ଦେଶନା ଦେଇଛନ୍ତି । ସିନେମାରେ ଯୁବ ଅଭିନେତା ଆହାନ ପାଣ୍ଡେ ଓ ଅଭିନେତ୍ରୀ ଅନିତ୍ ପାଡ଼ାଙ୍କ ଜ୍ୱଳନ୍ତ ପ୍ରେମ କାହାଣୀ ଯିଏ ଦେଖିଛି, ସେ କାନ୍ଦିବାକୁ ବାଧ୍ୟ ହୋଇଛି ସିନେମା ହଲରେ । ଏହାଛଡ଼ା 'ଆ ଶି କି' ଏବଂ 'ଆଶିକି-୨' ପରେ ଏହା ସେହି ଧରଣର ଏକ ମ୍ୟୁଜିକାଲ୍ ସିନେମା, ଯେଉଁଥିରେ ଅନେକ ମନଛୁଆଁ ଗୀତ ରହିଛି । ବିଶେଷ କରି ଜୁଲାଇ ୧୮ ତାରିଖରେ ୪୫ କୋଟି ବଜେଟ ବିଶିଷ୍ଟ ଏହି ସିନେମା ରିଲିଜ୍ ହୋଇଥିଲା । ସାରା ବିଶ୍ୱରେ ସିନେମା 'ସୈୟାରା' ୫୬୯.୨୩ କୋଟି ଟଙ୍କା ରୋଜଗାର କରିଛି । ଯାହାର ଆୟ ଭାରତରେ କେବଳ ୩୩୭.୬୯ କୋଟି ।

## ଛାୱା

ମଧ୍ୟଯୁଗୀୟ ଇତିହାସକୁ ଆଖି ଆଗରେ ରଖି ସିନେମା 'ଛାୱା' ନିର୍ମାଣ କରାଯାଇଛି । ଛତ୍ରପତି ଶିବାଜୀ ମହାରାଜାଙ୍କ ପୁତ୍ର ଶମ୍ଭାଜୀ ମହାରାଜଙ୍କ ଶୌର୍ଯ୍ୟ ଏବଂ ବୀରତ୍ୱ ଉପରେ ପର୍ଯ୍ୟବସିତ । ଭାରତରେ ସ୍ୱରାଜ ପ୍ରତିଷ୍ଠା କରିବା ପାଇଁ ଶମ୍ଭାଜୀଙ୍କ ନେତୃତ୍ୱରେ ମରାଠା ସେନା କିଭଳି ମୋଗଲ ଶାସକ ଆଉରଙ୍ଗଜେବକୁ ସାହସର ସହ ସାମ୍ନା କରିଛନ୍ତି, ସେକଥା ଦର୍ଶାଯାଇଛି । ସିନେମାରେ ଅଭିନେତା ଭିକି କୌଶଳ ଶମ୍ଭାଜୀ ମହାରାଜ ଭୂମିକାରେ ଅଭିନୟ କରିଛନ୍ତି । ଦିନେଶ ଭୈଜନଙ୍କ ଦ୍ୱାରା ନିର୍ମିତ ଏ ସିନେମାକୁ ନିର୍ଦ୍ଦେଶନା ଦେଇଛନ୍ତି ଲକ୍ଷ୍ମଣ ଉତେକର । ୧୪ ଫେବୃଆରିରେ ରିଲିଜ୍ ହୋଇଥିବା ଏହି ସିନେମା ବକ୍ସ ଅଫିସ୍‌ରେ ପ୍ରାୟ ୮୦୯ କୋଟି ରୋଜଗାର କରି ଐତିହାସିକ ସଫଳତା ପାଇ ପାରିଛି । 'ଛାୱା' ସିନେମାର ବଜେଟ୍ ଥିଲା ପ୍ରାୟ ୧୩୦ କୋଟି ଟଙ୍କା । ଭାରତରେ ଏ ସିନେମା ୬୧୫.୩୯ କୋଟି ରୋଜଗାର କରି ରେକର୍ଡ କରି ପାରିଛି ।




## ମହାବତାର ନରସିଂହ

ଭାରତରେ ମଧ୍ୟ ଆନିମେଟେଡ୍ ସିନେମା ନିର୍ମାଣ କରି ସେଥିରେ ବଡ଼ ବ୍ୟବସାୟିକ ସଫଳତା ସାଉଁଟି ହୁଏ ବୋଲି ପ୍ରମାଣିତ କରି ପାରିଛି ଅଶ୍ୱିନ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ସିନେମା 'ମହାବତାର ନରସିଂହ'। ଯାହାର ବଜେଟ ଥିଲା ମାତ୍ର ୪୦ କୋଟି । ୨୫ ଜୁଲାଇ ୨୦୨୫ରେ ମହବତାର ସିନେମାଟିକ୍ ୟୁନିଭର୍ସ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ସିନେମା ବିଷ୍ଣୁଙ୍କ ନରସିଂହ ଅବତାରକୁ ଭିନ୍ନ ରୂପରେ ପରଦାରେ ଉପସ୍ଥାପନ କରି ଲୋକାଦୃତି ପାଇ ପାରିଛି । ସିନେମାଟି ସାରା ବିଶ୍ୱରେ ପ୍ରାୟ ୩୨୫ କୋଟି ଟଙ୍କା ଆୟ କରି ପାରିଛି ।






## ୱାର୍- ୨

ସ୍ପାଇ ୟୁନିଭର୍ସର ଆଉ ଏଇ ଗୁଇନ୍ଦା ସିନେମା ୱାର ୨ । ଆୟାନ ମୁଖାର୍ଜୀଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନେମା ୱାର-୨ ରେ ଭରପୂର ମାତ୍ରାରେ ଆକ୍ସନ ଓ ରୋମାଞ୍ଚ ଭରି ରହିଛି । ଷ୍ଟାଇଲିସ୍ ଅଭିନେତା ହ୍ରିତିକ୍ ରୋଶନ୍, ଜୁନିୟର ଏନ୍.ଟିଆର୍ ଓ ସେକ୍ସି ଅଭିନେତ୍ରୀ କିଆରା ଆଡଭାନୀଙ୍କ ଦମଦାର ଅଭିନୟ ସିନେମାରେ ଦେଖିବାକୁ ମିଳିଛି । ବ୍ୟବସାୟ ଦୃଷ୍ଟିରୁ ଏହି ସିନେମା ଭାରତରେ ୨୪୪.୨୯ କୋଟି ଆୟ କରି ରେକର୍ଡ କରିଛି ।



## ସିତାରେ ଜମିନ୍ ପର୍

କ୍ରୀଡ଼ା କମେଡି ଡ୍ରାମାକୁ ଆଧାର କରି ନିର୍ମିତ ହୋଇଥିଲା ଏହି ସିନେମା । ଅଭିନେତା ଅମିର ଖାନ 'ତାରେ ଜମିନ୍ ପର' ପରେ ଦିବ୍ୟାଙ୍ଗଙ୍କ ଉପରେ ଆଧାର କରି ଏଭଳି ଏକ ଭିନ୍ନ ସ୍ୱାଦର ସିନେମା ଦର୍ଶକଙ୍କୁ ଭେଟି ଦେଇଥିଲେ । ସିନେମାରେ ମାନସିକ ଅନଗ୍ରସର ଶିଶୁମାନଙ୍କୁ ଅଣଦେଖା ନକରି ସେମାନଙ୍କ ଉଚିତ ଯତ୍ନ ନେଲେ, ସେମାନେ ମଧ୍ୟ ସଫଳତା ହାସଲ କରିପାରିବେ, ସେକଥା ଦର୍ଶାଯାଇଛି । ସିନେମାରେ ଏଭଳି ଏକ ନିଆରା ଶିକ୍ଷଣୀୟ ବିଷୟ ବସ୍ତୁ ଉପସ୍ଥାପନ କରାଯାଇଥିବାରୁ, ଦର୍ଶକ ଏହାକୁ ଖୁବ୍ ପ୍ରଶଂସା କରିଛନ୍ତି । ୧୨୨ କୋଟିର ସିନେମା ସାରା ବିଶ୍ୱରେ ୨୬୬.୪୯ କୋଟି ଆୟ କରି ଐତିହାସିକ ସଫଳତା ସାଉଁଟିଥିଲା ।

## ହାଉସ ଫୁଲ୍ - ୫


ତରୁଣ ମନ୍ ସୁଖାନିଙ୍କ ରଚିତ ଓ ନିର୍ଦ୍ଦେଶିତ ସିନେମା ହେଉଛି 'ହାଉସ ଫୁଲ୍- ୫' । ଯେଉଁଥିରେ କମେଡି ଓ ଥ୍ରିଲର୍ ଦର୍ଶକଙ୍କୁ ଅଧିକ ମାତ୍ରାରେ ହଲ୍‌କୁ ଟାଣି ଆଣିଥିଲା । ପ୍ରଥମ ଥର ପାଇଁ ସିନେମାରେ ଦୁଇଟି ଭିନ୍ନ କ୍ଲାଇମେକ୍ସ ସହ 'ହାଉସ୍‌ଫୁଲ-ଏ' ଏବଂ 'ହାଉସ୍‌ଫୁଲ-ବି' ଥିଲା । ଖିଲାଡ଼ି କୁମାର ଅଭିନେତା ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ ଓ ଅନ୍ୟାନ୍ୟ କଳାକାର ଏଥିରେ ଦର୍ଶକଙ୍କୁ ହସିବାକୁ ବାଧ କରିଛନ୍ତି । ୨୪୦ କୋଟି ବଜେଟ୍ ବିଶିଷ୍ଟ ଏହି ସିନେମା ବକ୍ସ ଅଫିସ୍‌ରେ ପ୍ରାୟ ୨୪୮ କୋଟି ଟଙ୍କା ରୋଜଗାର କରିଥିଲା ।






## ରେଡ୍ ୨

'ରେଡ୍' ଚଳଚ୍ଚିତ୍ରର ସଫଳତା ପରେ ଚଳିତ ବର୍ଷ ଏହାର ସିକ୍ୱେଲ ଆସିଛି । ସମାଜରେ ଭଦ୍ରମୁଖା ପିନ୍ଧି ବଞ୍ଚୁଥିବା ପ୍ରଭାବଶାଳୀ ଲୋକଙ୍କ ଦୁର୍ନୀତିକୁ ପର୍ଦ୍ଦାଫାଶ କରିଛନ୍ତି ସିନେମାର ନାୟକ ଅଜୟ ଦେବଗନ । କ୍ରାଇମ ଥ୍ରିଲର ସିନେମା 'ରେଡ୍-୨'କୁ ରାଜ କୁମାର ଗୁପ୍ତା ନିର୍ଦ୍ଦେଶନା ଦେଇଛନ୍ତି । ଏହି ସିନେମାରେ ଅଭିନେତା ଅଜୟ ଦେବଗନ୍, ରିତେଶ ଦେଶମୁଖ ଓ ବାଣୀ କପୁର ପ୍ରମୁଖ ଅଭିନୟ କରିଛନ୍ତି । ସିନେମାଟି ଶ୍ରମିକ ଦିବସ ଦିନ ସିନେମା ହଲକୁ ଆସିଥିଲା । ୧୨୦ କୋଟି ବଜେଟ୍‌ରେ ନିର୍ମାଣ ହୋଇଥିବା ଏହି ସିନେମା ସାରା ବିଶ୍ୱରେ ୨୪୩.୦୬ କୋଟି ଆୟ କରି ସୁପର ହିଟ୍ ସାବ୍ୟସ୍ତ ହୋଇଥିଲା ।




## ସ୍କାଏ ଫୋର୍ସ

ଭାରତ ପ୍ରଥମ ଏୟାର୍ ଷ୍ଟ୍ରାଇକ୍ ଉପରେ 'ସ୍କାଏ ଫୋର୍ସ' ସିନେମା ନିର୍ମିତ । ୨୪ ଜାନୁଆରୀ ୨୦୨୫ ରେ ସାଧାରଣତନ୍ତ୍ର ଦିବସର ଦୁଇ ଦିନ ପୂର୍ବରୁ ଏହି ସିନେମା ରିଲିଜ୍ ହୋଇଥିଲା । ସିନେମାରେ ଅକ୍ଷୟ କୁମାର, ବୀର ପାହାରିୟା, ସାରା ଅଲି ଖାନ ଓ ନିର୍ମିତ କୌର ପ୍ରମୁଖ ଅଭିନୟ କରିଛନ୍ତି । ସନ୍ଦୀପ କିଁୱଲାନି ଓ ଅଭିଷେକ ଅନିଲ କପୁରଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୨୦ କୋଟି ବଜେଟର ଏହି ସିନେମା ସାରା ବିଶ୍ୱରେ ମୋଟ ୧୭୪.୨୧ କୋଟି ରୋଜଗାର କରିଛି ।



## କାନ୍ତାରା ଚାପ୍‌ଟର -୧

ପ୍ରତ୍ୟେକ ସଭ୍ୟତାରେ ପ୍ରତ୍ୟେକ ସମୟରେ ମିଥ୍ ବା କିମ୍ବଦନ୍ତୀ ରହିଛି । ମିଥ୍ ମିଥ୍ୟା ନୁହେଁ, କି କେଉଁ ଏକ ପରୀ ରାଇଜର କଥା ନୁହେଁ । ବରଂ ଇଏ ମଣିଷର ଐତିହ୍ୟ ଆଉ ଆମର ଜୀବନ ଗାଥା । ପ୍ରତିଦିନ ଆମେ ମିଥ୍‌କୁ ନେଇ ବଞ୍ଚୁ, ସେଥିରେ ଆମ ଜୀବନ ଦର୍ଶନ ରହିଛି । ପିଢ଼ି ପରେ ପିଢ଼ି ମଧ୍ୟ ମିଥ୍ ବଞ୍ଚି ରହିଛି । ବିଜ୍ଞାନ ଯୁଗର ନୂଆ ପିଢ଼ି ମଧ୍ୟ ମିଥ୍, ଲୋକକଥା ଆଉ କିମ୍ବଦନ୍ତୀକୁ ନୂଆ ରୂପରେ କଳ୍ପନା କରନ୍ତି । ତାହା ପ୍ରମାଣିତ ହୋଇଛି ନିକଟରେ ରିଲିଜ୍ ହୋଇଥିବା 'କାନ୍ତାରା' ସିନେମାର ଲୋକପ୍ରିୟତା ଏବଂ ସଫଳତାରୁ । କର୍ଣ୍ଣାଟକର ଟୁଲୁ ନାଡୁ ଅଞ୍ଚଳର ଦୈବୀ କିମ୍ବଦନ୍ତୀ ଏବଂ ଲୋକକଥାକୁ ଖୁବ୍ ଆକର୍ଷଣୀୟ ଢଙ୍ଗରେ ଦର୍ଶାଯାଇଛି । ଋଷଭ ସେଟ୍ଟୀଙ୍କ 'କାନ୍ତାରା ଚାପ୍‌ଟର' ୧ (ହିନ୍ଦୀ) ସିନେମା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ୧୨୫ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ଭାରତରେ କେବଳ ହିନ୍ଦୀ ଭାଷାରେ ୧୬୧.୧୭ କୋଟି ଆୟ କରିଛି । ତାହା ସହ ବିଶ୍ୱ ବକ୍ସ ଅଫିସ୍‌କୁ ଆଧାର କଲେ ଏହାର ରୋଜଗାର ହେଉଛି ୬୭୫ କୋଟି । ସିନେମା କନ୍ନଡ଼ ଭାଷାର ପୌରାଣିକ ମହକାବ୍ୟକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି । ଏହି ସିନେମା ଦର୍ଶକଙ୍କ ଚଳିତ ବର୍ଷ ରିଲିଜ୍ ହୋଇଥିବା ସବୁଠୁ ପସନ୍ଦର ସିନେମା । ଯାହା ତେଲୁଗୁ ଓ ହିନ୍ଦୀ ବିଭାଗରେ ଅନେକ ବଡ଼ ବଡ଼ ସିନେମାର ରେକର୍ଡ ବି ଭାଙ୍ଗିଛି ।

## ସିକନ୍ଦର

ଆକ୍ସନ ଡ୍ରାମା ସିନେମା 'ସିକନ୍ଦର'କୁ ଏ.ଆର୍ ମୁରୁଗାଦୋଷ ନିର୍ଦ୍ଦେଶନା ଦେଇଛନ୍ତି । ୨୦୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଏ ସିନେମା ଟପ୍ ୧୦ ରେ ଥିଲେ ମଧ୍ୟ ଆଶାନୁରୂପକ ସଫଳତା ପାଇ ପାରି ନ ଥିଲା । ଭାରତରେ ଏହି ସିନେମା ମୋଟ ୧୨୯.୯୫ କୋଟି ଆୟ କରିଥିଲା । ଭାରତ ସହ ସାରା ବିଶ୍ୱରେ ଏହାର ଆୟ ଥିଲା ମାତ୍ର ୧୭୬ କୋଟି ଟଙ୍କା ।



ଗୁଣୁପୁର, ରାୟଗଡ଼ା
ମୋ: ୬୩୭୧୬୮୪୬୯୯

# ବଦଳୁଛି ହିନ୍ଦୀ ଫିଲ୍ମର ଧାରା





ଦେବୀ ପ୍ରସାଦ ଲେଙ୍କା

**ସିନେମା ମନୋରଞ୍ଜନର ଏକ ମାଧ୍ୟମ । ପର୍ବପର୍ବାଣି ହେଉ କି ଛୁଟି ଦିନ, ଚଳଚ୍ଚିତ୍ର ମନୋରଞ୍ଜନର ମାଧ୍ୟମ ସାଜେ । ତେଣୁ ଦର୍ଶକଙ୍କ ରୁଚି ଅନୁସାରେ ଫିଲ୍ମ ନିର୍ମାତା ନୂଆ ନୂଆ ସିନେମା କରିଥାନ୍ତି । ଏହି କ୍ରମରେ ଗତ କିଛି ବର୍ଷ ଧରି ହିନ୍ଦୀ ସିନେମାରେ କାହାଣୀ ଚୟନ ହେଉ କି ଅଭିନୟ, ଗୀତ ସବୁ ବର୍ଗର ଦର୍ଶକଙ୍କୁ ବାନ୍ଧି ରଖୁଛି । 'ସ୍ତ୍ରୀ-୨, 'ସିଂଘମ୍ ଏଗେନ୍', 'ପୁଷ୍ପା-୨' କିମ୍ବା ନିକଟରେ ମୁକ୍ତିଲାଭ କରିଥିବା 'କାନ୍ତାରା- ଚାପ୍ଟର ୧' ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ଟେକନିକ୍, ଆକ୍ସନ୍, ଷ୍ଟାଇଲ୍ ଅଫ୍ ମେକିଂ, କଳାକାର ଚୟନ ଆଦି କ୍ଷେତ୍ରରେ ଏହି ସିନେମାଗୁଡ଼ିକ ବହୁ ଆଗରେ ରହିଛି । ଫଳରେ ହଲ୍‌ରେ ଦୀର୍ଘ ଦିନ ଧରି ସିନେମା ଚାଲିବା ସହ ବକ୍ସ ଅଫିସ୍‌ରେ ରେକର୍ଡ କରୁଛି । ତେବେ ପୂର୍ବାପେକ୍ଷା ହିନ୍ଦୀ ଫିଲ୍ମ ଦେଖିବାକୁ କାହିଁକି ଦର୍ଶକ ଅଧିକ ପସନ୍ଦ କରୁଛନ୍ତି? ବର୍ତ୍ତମାନ ହିନ୍ଦୀ ଫିଲ୍ମଗୁଡ଼ିକ ସଫଳତା ଲାଭ ପଛର କାରଣ କ'ଣ – ଏସବୁକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**




## ହିନ୍ଦୀ ଫିଲ୍ମରେ ପରିବର୍ତ୍ତନ

ଗତ ପାଞ୍ଚ ବର୍ଷ ମଧ୍ୟରେ ବଲିଉଡ୍‌ର ନୂଆ ଷ୍ଟାର୍‌ମାନେ ନେପୋଟିଜ୍‌ମ (ପାରିବାରିକ ପୃଷ୍ଠଭୂମି) ସହ ନୂଆ ପ୍ରତିଭାକୁ ମିଶାଇ ଇଣ୍ଡଷ୍ଟ୍ରୀକୁ ନୂଆ ପରିଚୟ ଦେଇଛନ୍ତି । ଜଣେ ପରେ ଜଣେ ଷ୍ଟାର୍-କିଡ୍ ବଲିଉଡ୍ ଇଣ୍ଡଷ୍ଟ୍ରୀକୁ ଏଣ୍ଟ୍ରି କରିବାରେ ଲାଗିଛନ୍ତି । ବଲିଉଡ୍ ଅଭିନେତା ଇବ୍ରାହିମ ଅଲି ଖାନ୍, ସୈଫ୍ ଅଲି ଖାନଙ୍କ ପୁଅ ୨୦୨୫ ମସିହାରେ 'ସରଜମିନ୍ ଫିଲ୍ମ'ରେ କାଜୋଲ୍ ସହିତ ଡେବ୍ୟୁ କରିଥିଲେ । ସେହିପରି ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର୍ 'ବୃଷଭ' ଫିଲ୍ମରେ ମୋହନଲାଲଙ୍କ ସହ 'ପ୍ୟାନ୍-ଇଣ୍ଡିଆ'ରେ ଡେବ୍ୟୁ କରିଥିଲେ । ଉଭୟଙ୍କୁ ସମାଲୋଚନା ସତ୍ତ୍ୱେ ବି ପାରିବାରିକ ପ୍ରଭାବ ଯୋଗୁଁ ସେମାନଙ୍କୁ ଲୋକପ୍ରୟିତା ମିଳି ପାରିଥିଲା । ଅନ୍ୟପଟେ, ଷ୍ଟାରକିଡ୍ ନ ହୋଇ ମଧ୍ୟ ଅଭିନେତା ଅଭୟ ବର୍ମା ମୁଞ୍ଜ୍ୟା ୨୦୨୪ରେ ୧୦୦ କୋଟି ଟଙ୍କାରୁ ଅଧିକ ଆୟ ଫିଲ୍ମରେ ନିଜର ଦମ୍‌ଦାର ଅଭିନୟରେ ଦର୍ଶକଙ୍କୁ ଆକୃଷ୍ଟ କରିଥିଲେ । ସେହିପରି ଆମିର୍ ଖାନଙ୍କ ପୁଅ ଜୁନେଦ୍ ଖାନ୍ ମହାରାଜ ୨୦୨୪ ରିଲିଜ୍ ହୋଇଥିବା ଫିଲ୍ମରେ ତାଙ୍କ ଅଭିନୟ ଦ୍ୱାରା ପ୍ରଶଂସା ସାଉଁଟିଛନ୍ତି । ପଶ୍ମିନା ରୋଶନଙ୍କ 'ଫାଇଟର୍' (୨୦୨୪) ଫିଲ୍ମରେ ତାଙ୍କ ଭୂମିକା ଜେନ୍ ଜେଡ୍ ପିଢ଼ିର ସମଗ୍ରୀ-କୈନ୍ଦ୍ରିତ ଉଦୟକୁ ପ୍ରତିନିଧିତ୍ୱ କରୁଛି, ଯାହା 'ଆଜାଦ୍' (୨୦୨୫) ପରି ଫ୍ଲପ୍ ଫିଲ୍ମମାନଙ୍କୁ ଅନ୍ଧକାର କରି ଦେଇଛି ।






## ଚରିତ୍ରର ଗଭୀରତା ଓ କାହାଣୀ ଗୁରୁତ୍ୱପୂର୍ଣ୍ଣ

ଭଲ ବ୍ୟାବସାୟିକ ସିନେମା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତା'ର କାହାଣୀ ମନୋନୟନ । ତେଣୁ ବଲିଉଡ୍ ଫିଲ୍ମ ଅଭିନୟ ଧାରାରେ ମଧ୍ୟ ଏନେଇ ଅନେକ ପରିବର୍ତ୍ତନ ଆସିଛି । ୨୦୨୩ ମସିହାରେ ରିଲିଜ୍ ହୋଇଥିଲା ଫିଲ୍ମ 'ପଠାନ୍' । ଏଥିରେ ଦୀପିକା ପାଦୁକୋଣ ଓ ଆଲିଆ ଭଟ୍ଟ ନିଜର ଚରିତ୍ରକୁ ଶତପ୍ରତିଶତ ଦେବାକୁ ଚେଷ୍ଟା କରିଥିଲେ । ଏହାର କଥାବସ୍ତୁ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା । ଗୋଟିଏ ଶବ୍ଦରେ କହିବାକୁ ଗଲେ, 'ପଠାନ୍' ଫିଲ୍ମରେ ଭାବନା ଓ ଆକ୍ସନ୍‌ର ସମନ୍ୱୟ ଦ୍ୱାରା ଗ୍ଲୋବାଲ୍ ମାନ୍ୟତା ହାସଲ କରିଛନ୍ତି । ୨୦୨୩ ମସିହାରେ ରିଲିଜ୍ ହୋଇଥିଲା ଫିଲ୍ମ 'ଆନିମଲ' । ଏହି ସିନେମାରେ ବାପ-ପୁଅଙ୍କ ଘନିଷ୍ଠତା, ପାରିବାରିକ କାହାଣୀ ଭିତରେ ଆକ୍ସନ, ରୋମାନ୍ସ, ଫାଇଟିଂ ଆଦି ଦେଖିବାକୁ ମିଳିଥିଲା । ଅଭିନେତ୍ରୀ ତୃପ୍ତି ଦିମ୍ରିଙ୍କ ଏହା ଡେବ୍ୟୁ ସିନେମା । ପ୍ରଥମ କରି ପରଦାରେ ସେ ଗୁପ୍ତଚର ଚରିତ୍ରରେ ଚମତ୍କାର ଅଭିନୟ କରିଥିଲେ । ତାଙ୍କର ଅଭିନୟ ଦର୍ଶକଙ୍କ ମନ ଜିତିଥିଲା । ଏଥିରୁ ଜଣାପଡ଼େ ଷ୍ଟାର୍ ପାୱାର୍ ନୁହେଁ, ଚରିତ୍ରର ଗଭୀରତା ଓ କାହାଣୀ ହିଁ ମୁଖ୍ୟ । କାହାଣୀ ପରି ସିନେମାର ସମସ୍ତ, ଗୀତଗୁଡିକ ବେଶ୍ ଆକର୍ଷଣୀୟ ହୋଇଥିଲା । 'ଜମାଲ କୁଡୁ' ଗୀତର କ୍ରେଜ୍ ଆଜି ବି ରହିଛି ।

## ଟେକ୍ନୋଲୋଜିରେ ଆଗରେ




ଟେକ୍ନୋଲୋଜି କ୍ଷେତ୍ରରେ ବଲିଉଡ୍ ବେଶ୍ ଆଗରେ ରହିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ୨୦୨୪ ମସିହାରେ ରିଲିଜ୍ ହୋଇଥବା ଫିଲ୍ମ 'କଲ୍‌କି ୨୮୯୮ ଏଡି'ରେ। ଏହି ସିନେମାଟି ଏଆଇ ଆଧାରିତ। 'କଲ୍‌କି ୨୮୯୮ ଏଡି' ଫିଲ୍ମରେ ଭିଏଫ୍ଏକ୍ସ, ଭର୍ଚୁଆଲ୍ ପ୍ରଡକ୍ସନ୍ ଓ ଏକ୍ସଆର୍ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଯାହାକି ଦର୍ଶକଙ୍କୁ ଏକ ଆକର୍ଷଣୀୟ ଓ ବାସ୍ତବ ଭିଜୁଆଲ୍ ଅନୁଭବ ଦେଇଛି। ସମାନ ଢଙ୍ଗରେ ଫିଲ୍ମ 'ଆଦି ପୁରୁଷ'ରେ ଅଧିକ ବଜେଟ୍‌ର 'ଭିଏଫ୍ଏକ୍ସ' ବ୍ୟବହାର କରିଛନ୍ତି। ଏହି ସିନେମାର ଚରିତ୍ର ସାଙ୍ଗକୁ ସେଉଁ ସିନ୍‌ରେ କିପରି ଲାଇଟ୍, ସାଉଣ୍ଡ ଆଦି ରହିବା ଦରକାର ତାହାର ସଦୁପଯୋଗ ହୋଇଥିଲା। ଭିଏଫ୍ଏକ୍ସ ବ୍ୟବହାର ଦ୍ୱାରା ସିନେମାର ଛବି, କାହାଣୀ ଆଉ ଗୀତ ହୃଦୟଛୁଆଁ ହୋଇଛି। ୨୦୨୫ ମସିହାରେ ରିଲିଜ୍ ହୋଇଥିବା 'ସ୍କାଏ ଫୋର୍ସ' ପରି ଫିଲ୍ମରେ ଡ୍ରୋନ୍ ଏବଂ ଏଆଇ ଟୁଲ୍ ବ୍ୟବହାର କରି ଉତ୍ପାଦନ ଖର୍ଚ୍ଚ କମାଇ ସହଜରେ ବିଶ୍ୱସ୍ତରରେ ପହଞ୍ଚିପାରୁଛି।

## ବ୍ୟାବସାୟିକ ସଫଳତା ପଛର କାରଣ

ସମ୍ପ୍ରତି ହିନ୍ଦୀ ଫିଲ୍ମ ଅଧିକ ବ୍ୟବସାୟିକ ସଫଳ ଓ ଲୋକପ୍ରିୟତାର ପ୍ରମୁଖ କାରଣ ହେଉଛି, ତାହାର ବିଷୟବସ୍ତୁର ବିବିଧତା ଓ ନୂତନ ପିଢ଼ିର ଯଥାର୍ଥ ଅଭିନୟ। ଆଜିର ଦର୍ଶକ ତାରକା ଦେଖି ନୁହେଁ, କଣ୍ଟେଣ୍ଟ ଦେଖି ଫିଲ୍ମ ଚୟନ କରୁଛନ୍ତି। '12th ଫେଲ୍', 'ଦ କାଶ୍ମୀର ଫାଇଲ୍ସ' ଆଦି ସତ୍ୟଘଟଣା ଆଧାରିତ ଫିଲ୍ମରେ ସାମାଜିକ ସନ୍ଦେଶ ରହିଛି। ସେହିପରି 'ଆର୍ଆର୍ଆର୍', 'ପୁଷ୍ପା', 'କାନ୍ତାରା' ପରି ପାନ୍-ଇଣ୍ଡିଆ ଫିଲ୍ମ ହିନ୍ଦୀ ଡବ୍ ଭର୍ସନରେ ବି ବିଶାଳ ସଫଳତା ପାଇଛି। ଓଟିଟି ଏବଂ ଟେକ୍ନୋଲୋଜି ମାଧ୍ୟମରେ ହିନ୍ଦୀ ସିନେମା ଏବେ ଗ୍ଲୋବାଲ୍ ମଞ୍ଚରେ ନିଜ ସ୍ଥାନ ସୃଷ୍ଟି କରି ପାରିଛି। ପ୍ରଥମେ, ନିର୍ମାତାମାନେ ଦର୍ଶକଙ୍କ ରୁଚିକୁ ଭଲ ଭାବେ ବୁଝି ଆଧୁନିକ ଭିଜୁଆଲ୍ ଇଫେକ୍ଟ, ବିଶାଳ ସେଟ୍ ଓ ଆକର୍ଷକ ସଙ୍ଗୀତ ସହିତ ମସଲା ଏଣ୍ଟରଟେନମେଣ୍ଟ ଦେଉଛନ୍ତି। 'ପଠାନ୍', 'ଜୱାନ' ଓ 'ଗଦର-୨' ପରି ଫିଲ୍ମରେ ଦର୍ଶକ ଭାରତୀୟ ଆତ୍ମବିଶ୍ୱାସ ଓ ଭାବନା ସହିତ ଭରିଥିବା ବଡ଼ ସ୍କେଲର କାହାଣୀକୁ ଭଲପାଆନ୍ତି ବୋଲି ପ୍ରମାଣିତ ହୋଇଛି। ଦ୍ୱିତୀୟ, ମାର୍କେଟିଂ ଓ ପ୍ରମୋସନ୍ ନୀତି ଏବେ ଅତ୍ୟାଧୁନିକ ଓ ଡିଜିଟାଲ୍ ଭିତ୍ତିକ ହୋଇଛି, ଯାହା ଦେଶ ଓ ବିଦେଶର ଦର୍ଶକମାନଙ୍କୁ ଆକର୍ଷିତ କରୁଛି। ତୃତୀୟ, ସାଉଥ ଇଣ୍ଡିଆ ଫିଲ୍ମ ଡବ୍ ଭର୍ସନ - 'ପୁଷ୍ପା', 'ଆର୍ଆର୍ଆର୍', 'କାନ୍ତାରା' ଆଦି ହିନ୍ଦୀ ସିନେମା ମାର୍କେଟରେ ଅସାଧାରଣ ବ୍ୟବସାୟ କରି ସିନେମା ମାନଦଣ୍ଡକୁ ବଢ଼ାଇଛି। ଏହି ପାନ୍-ଇଣ୍ଡିଆ ଟ୍ରେଣ୍ଡ ଫିଲ୍ମ ଶିଳ୍ପକୁ ନୂତନ ଦିଗ ଦେଇଛି ଓ ହିନ୍ଦୀ ସିନେମାକୁ ଅଧିକ ବ୍ୟବସାୟିକ ଭାବେ ଶକ୍ତିଶାଳୀ କରିଛି। ଏଥିରୁ ପ୍ରମାଣିତ ହେଉଛି ଯେ, ଅରିଜିନାଲ୍ କାହାଣୀ, ଲୋକେସନ୍, ବଜେଟ୍ ଏସବୁ କ୍ଷେତ୍ରରେ କେବେ ବି ହିନ୍ଦୀ ସିନେମା ନିର୍ମାତା କମ୍ପ୍ରୋମାଇଜ୍ କରନ୍ତି ନାହିଁ। ଯାହାଫଳରେ ଫିଲ୍ମ ବ୍ୟାବସାୟିକ ସଫଳତା ଲାଭ କରିଥାଏ।

## ଭାଷା ପ୍ରତି ଗୁରୁତ୍ୱାରୋପ

ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଦର୍ଶକଙ୍କ ସଂଖ୍ୟା ଅଧିକ। ସେମାନେ ସିନେମା ତିଆରି କରିବାକୁ କଠିନ ପରିଶ୍ରମ କରନ୍ତି। ନୂଆ କିଛି କରିବାର ଜିଦ୍ ସେମାନଙ୍କୁ ସଫଳତା ଦେଇଛି। ତେଣୁ ସାଉଥ୍ ଫିଲ୍ମଗୁଡ଼ିକ ହିନ୍ଦୀ ଡବ୍ ଭର୍ସନରେ ବି ଭଲ ବ୍ୟବସାୟ କରିଛି। ମୂଳ ଭାଷା ହିନ୍ଦୀ ନଥାଇ ମଧ୍ୟ ଅନ୍ୟ ଭାଷାର ଚଳଚ୍ଚିତ୍ର ହିନ୍ଦୀରେ ଡବିଂ ହୋଇ ଭଲ ବ୍ୟବସାୟ କରୁଛି। ତେଣୁ ଗୋଟିଏ ବାସ୍ତବ କାହାଣୀର ସିନେମା ଯେଉଁ ଭାଷାରେ ହେଲେ ବି ଦର୍ଶକ ତାହାକୁ ଗ୍ରହଣ କରୁଛନ୍ତି। ଏହା ସିନେମା ଇଣ୍ଡଷ୍ଟ୍ରୀ ପାଇଁ ସୌଭାଗ୍ୟର ବିଷୟ। ପୂର୍ବପେକ୍ଷା ଏବେ ଅଧିକ ଦର୍ଶକ ହିନ୍ଦୀ ଫିଲ୍ମ ଦେଖିବାକୁ ପସନ୍ଦ କରୁଛନ୍ତି। ହିନ୍ଦୀ ସିନେମା ଏବେ ଆଞ୍ଚଳିକ ସୀମାକୁ ଅତିକ୍ରମ କରି ସମଗ୍ର ଭାରତୀୟ ଜୀବନ, ଭାବନା ଓ ଆଶା-ଆକାଂକ୍ଷାକୁ ପ୍ରକାଶ କରୁଛି। ଏହା ଦେଖାଇଛି ଯେ, ଭାଷା ଆଉ ପ୍ରତିବନ୍ଧକ ନୁହେଁ; ଭଲ କଣ୍ଟେଣ୍ଟ ଓ ଶକ୍ତିଶାଳୀ ନାରେସନ୍ ସମଗ୍ର ଦେଶର ଦର୍ଶକମାନଙ୍କୁ ଆକର୍ଷଣ କରିପାରେ। ଓଟିଟି ଏବଂ ସୋସିଆଲ୍ ମିଡିଆ ହିନ୍ଦୀ ସିନେମା ଓ ଡବ୍ ଫିଲ୍ମକୁ ଗ୍ଲୋବାଲ ଦର୍ଶକଙ୍କ ପାଖକୁ ନେଇ ଯାଇଛି, ଯାହା ଦ୍ୱାରା ମନୋରଞ୍ଜନର ଏକ ନୂତନ ଏକତା ଗଠିତ ହେଉଛି।





## ଟିମ୍ ୱାର୍କ

ଗୋଟିଏ ସିନେମା ପ୍ରସ୍ତୁତି ପାଇଁ କ୍ୟାମେରାମ୍ୟାନ୍‌ଙ୍କଠାରୁ ଟେକ୍ନିସିଆନ୍, ପ୍ରଯୋଜକ, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯାହାକି ହିନ୍ଦୀ ସିନେମା ଜଗତରେ ଏହାକୁ ଅଧିକ ଗୁରୁତ୍ୱ ଦିଆଯାଇ ଚରିତ୍ରର ସଂଳାପ, ଗୀତର ଦୃଶ୍ୟ କ'ଣ ରହିବ, ଛବି କ'ଣ ରହିବ, କେଉଁଠି ଫାଇଟିଂ ସିନ୍ ଆଦି ରହିବ ସେ ନେଇ ଆଲୋଚନା କରିବା ଦ୍ୱାରା ସିନେମା ସଫଳ ହେଉଛି। ସେହିପରି ଫିଲ୍ମ ନାଁ ଅନୁସାରେ ସେଟ୍‌ଅପ୍ ମଧ୍ୟ କରୁଛନ୍ତି।

## ଭିଏଫ୍ଏକ୍ସର ଉପଯୋଗ



୨୦୨୩ରୁ ୨୦୨୫ ମସିହା ମଧ୍ୟରେ 'ଜୱାନ', 'ପଠାନ୍', 'ଆନିମଲ' 'ସ୍ତ୍ରୀ-୨', 'ଭୁଲ ଭୁଲୈୟା-୩', 'ସିଂଘମ ଏଗେନ୍', 'ଆର୍ଆର୍ଆର୍', 'ପୁଷ୍ପା' ଓ 'କାନ୍ତାରା' ପରି ସିନେମାଗୁଡ଼ିକ ବିଶେଷ ଲୋକପ୍ରିୟ ହୋଇପାରିଛି। ଏହି ସଫଳତାର ପଛରେ କାରଣ ହେଉଛି, ଷ୍ଟାର୍ କାଷ୍ଟ, ଦୃଶ୍ୟପଟର ଆର୍କଷଣ, ଆଧୁନିକ ଭିଏଫ୍ଏକ୍ସ, ଏକାଧିକ ଜେନର୍ ମିଶ୍ରଣ (ଆକ୍ସନ୍, କମେଡି, ହରର୍) ଏବଂ ପ୍ରଶଂସାଯୋଗ୍ୟ କାହାଣୀ। ଏହା ସହିତ, ପାନ-ଇଣ୍ଡିଆ ଫିଲ୍ମ ଡବ୍ ଭର୍ସନ ଦେଶବ୍ୟାପୀ ଦର୍ଶକମାନଙ୍କୁ ଆକର୍ଷିତ କରୁଛି। ଦର୍ଶକ ଏବେ ଗୁଣବତ୍ତା ଓ ମନୋରଞ୍ଜନ ସହିତ ସଂବେଦନାମୂଳକ କାହାଣୀକୁ ପସନ୍ଦ କରୁଛନ୍ତି। ତେବେ ହିନ୍ଦୀ ସିନେମାରେ ଭିଏଫ୍ଏକ୍ସର ଉପଯୋଗ କାଳ୍ପନିକ ଏବଂ ଅବିଶ୍ୱସନୀୟ ଦୃଶ୍ୟ ବନାଇବାକୁ କରାଯାଇଥାଏ। ଏହାର ଉପଯୋଗ କେବଳ ବଡ଼ ବଜେଟର ଆକ୍ସନ କିମ୍ବା ସାଇନ୍ସ-ଫିକ୍ସନ୍ ସିନେମାରେ ସୀମିତ, ବରଂ ରୋମାଣ୍ଟିକ୍ କମେଡି ଆଦି ଫିଲ୍ମରେ ବି ଉପଯୋଗ କରାଯାଉଛି।

## ତାରକା ଚୟନ

ସମୟ ଥିଲା ଲୋକେ ପରଦାରେ ଲୋକପ୍ରିୟ ଚେହେରା ଦେଖିବାକୁ ଚାହୁଁଥିଲେ। ସିନେମାର ହିରୋ-ହିରୋଇନ୍‌କୁ ଦେଖି ସିନେମା ହଲ୍ ଯିବେ କି ନାହିଁ ନିର୍ଣ୍ଣୟ ନେଉଥିଲେ। ହେଲେ ଏବେ ଏହି ଧାରାରେ ଆସିଛି ପରିବର୍ତ୍ତନ। ସିନେମାର କାହାଣୀ, କଣ୍ଟେଣ୍ଟ କ'ଣ ଅଛି ତାହା ଦେଖି ଏବେ ଦର୍ଶକ ହଲ୍ ଯାଉଛନ୍ତି। ଏପରିକି ଉକ୍ତ ସିନେମାରେ ଅଭିନୟ କରୁଥିବା କଳାକାର ରାତାରାତି ହିରୋ ହୋଇଯାଉଛନ୍ତି। କହିବାର କାରଣ, ଫିଲ୍ମ 'କାନ୍ତାରା' ପ୍ରଥମ ଦିନରୁ ହିଁ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ଆଉ ଋଷଭ ସେଟ୍ଟି ରାତାରାତି ହିରୋ ପାଲଟିଯାଇଥିଲେ। ଫିଲ୍ମର ପ୍ରଥମ ଭାଗକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିଥିଲା। ଆଉ ଏହି ସିନେମା ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ଋଷଭ ସେଟ୍ଟି ଜାତୀୟ ପୁରସ୍କାର ଲାଭ କରିଥିଲେ। ଏବେ ତାଙ୍କ ଅଭିନୀତ 'କାନ୍ତାରା-ଚାପ୍ଟର-୧' ମଧ୍ୟ ଭଲ ରୋଜଗାର କରୁଛି।



## ଲୋକପ୍ରିୟତାର କାରଣ

ଭବିଷ୍ୟତରେ ହିନ୍ଦୀ ସିନେମା ଅଧିକ ପାନ୍-ଇଣ୍ଡିଆ ଓ ଗ୍ଲୋବାଲ୍ ମାର୍କେଟରେ ନିଜ ସ୍ଥାନ ସୁଦୃଢ଼ କରିବ। ପାନ୍-ଇଣ୍ଡିଆ ଫିଲ୍ମ, ଯାହା ସମଗ୍ର ଭାରତର ଦର୍ଶକଙ୍କୁ ଲକ୍ଷ୍ୟ କରି ତିଆରି ହୁଏ, ଯଥା - 'ଆର୍ଆର୍ଆର୍', 'ବାହୁବଲୀ', 'କାନ୍ତାରା' ଆଦି ସିନେମା ଭବିଷ୍ୟତରେ ହିନ୍ଦୀ ଡବ୍ ଭର୍ସନ ମାଧ୍ୟମରେ ବିଶାଳ ସଫଳତା ଆଣିବ। ଫ୍ରାଞ୍ଚାଇଜ୍ ଓ ସିକ୍ୱେଲ୍ ଫିଲ୍ମର ରୁଚି ବଢ଼ିବ, ଯଥା 'ୱାର-୨', 'ହାଉସ୍‌ଫୁଲ୍-୫' ପରି ଫିଲ୍ମ ଦର୍ଶକଙ୍କୁ ଆକୃଷ୍ଟ କରିବ। ଗୁରୁତ୍ୱପୂର୍ଣ୍ଣକଥା ହେଉଛି, 'ବାହୁବଲୀ', 'ପଦ୍ମାବତ', '୨.୦' ଏବଂ 'ଆର୍ଆର୍ଆର୍' ପରି ଫିଲ୍ମରେ ଭିଏଫ୍ଏକ୍ସର ସଦୁପଯୋଗ କରାଯାଇ ବୃହତାକାର ମହଲ, ଯୁଦ୍ଧ ଦୃଶ୍ୟ, ଆକ୍ସନ, ସ୍ୱିକେନ୍ସ ଆଦି ସାମିଲ ରହିଥିବାରୁ ଏହିପରି ସିନେମା ଦେଖିବାକୁ ଦର୍ଶକଙ୍କ ମନରେ ଉତ୍କଣ୍ଠା ଜାଗ୍ରତ ହେଉଛି। ତେବେ ଆଗାମୀ ଦିନରେ ସିନେମାରେ ଟେକ୍ନୋଲୋଜିର ବ୍ୟବହାର ଅଧିକ ହେବ। ଏଆଇ ଆଧାରିତ ଭିଏଫ୍ଏକ୍ସ, ଭିଆର୍/ଏଆର୍, ଭର୍ଚୁଆଲ୍ ପ୍ରଡକ୍ସନ୍ ଦ୍ୱାରା କଥାବସ୍ତୁକୁ ଅଧିକ ଆକର୍ଷଣୀୟ ଓ ବାସ୍ତବ କରାଯିବ।

ସମଗ୍ର ଭାରତୀୟ ସମାଜର ଅନୁଭୂତି, ସାମାଜିକ ସନ୍ଦେଶ ଓ ନୂତନ ପିଢ଼ିଙ୍କ ରୁଚିକୁ ଧ୍ୟାନରେ ରଖି ହିନ୍ଦୀ ଫିଲ୍ମ ଭବିଷ୍ୟତରେ ଗୁଣମାନ ଓ ବ୍ୟବସାୟିକ ଭାବେ ଦୁଇହାତେ ସଫଳ ହେବ। ଏହି ପରିବର୍ତ୍ତନ ହିନ୍ଦୀ ସିନେମାକୁ ଏକ ସଂଯୁକ୍ତ, ଆଧୁନିକ ଓ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଶିଳ୍ପରେ ପରିଣତ କରିବ। ■

---

ସିନେ ନିର୍ଦ୍ଦେଶକ, ଭୁବନେଶ୍ୱର

# ସଫଳ ବ୍ୟାବସାୟିକ ହିନ୍ଦୀ ସିନେମା

**ସାଧାରଣତଃ ହିନ୍ଦୀ ସିନେମାରେ ଆକ୍ସନ୍, ରୋମାନ୍ସକୁ ନେଇ ସବୁ ପ୍ରକାର କାହାଣୀ ଦେଖିବାକୁ ମିଳିଥାଏ। ଆଜିକାଲି ସିନେମାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି । ତେବେ କିଛି ସିନେମା ହିଟ୍ ହେଉଥିବା ବେଳେ ଆଉ କିଛି ଆଦୌ ଚାଲି ନ ଥାଏ । ସେହିପରି କିଛି ସିନେମା ଏଭଳି ଥାଏ, ଯାହାର କାହାଣୀ ଭଲ ନ ଥିଲେ ବି ଗୀତ ସୁପରହିଟ୍ ହେବା ସହ ବକ୍ସ ଅଫିସ୍‌ରେ ଭଲ ଆୟ ମଧ୍ୟ କରିଥାଏ । ଏହି କ୍ରମରେ ୨୦୨୩ ଏବଂ ୨୦୨୪ ମସିହାରେ ସୁପରହିଟ୍ ହୋଇଥିବା ଏବଂ ଅଧିକ ଆୟ କରିଥିବା ସେଭଳି କେତେକ ହିନ୍ଦୀ ସିନେମାକୁ ନେଇ ଏହି ଉପସ୍ଥାପନା ।**




## ଜୱାନ

୨୦୨୩ ସମିହାରେ ମୁକ୍ତିଲାଭ କରିଥିଲା ଲୋକପ୍ରିୟ ସିନେମା 'ଜୱାନ' । ସିନେମାଟି ସୁପରହିଟ୍ ହୋଇଥିଲା । ସାଉଥ୍ ସିନେମାର ଲୋକପ୍ରିୟ ନିର୍ଦ୍ଦେଶକ ଏଟ୍‌ଲିଙ୍କର ଏହା ଥିଲା ଆକ୍ସନ-ଥ୍ରିଲର ସିନେମା । ଆୟ ଦୃଷ୍ଟିରୁ ଏହା ଭଲ ବ୍ୟବସାୟ କରିଥିଲା । ଫିଲ୍ମରେ ଶାହରୁଖ ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏଥିରେ ସେ ଡବଲ୍ ରୋଲ୍‌ରେ ନଜର ଆସିଥିଲେ । ସମାଜରେ ଭ୍ରଷ୍ଟାଚାରକୁ ସୁଧାରିବାର ସେ କାମ କରୁଥିଲେ । ଶାହରୁଖଙ୍କ ବ୍ୟତୀତ ସିନେମାରେ ନୟନତାରା, ବିଜୟ ସେତୁପତି ଏବଂ ଦୀପିକା ପାଦୁ୍ୟକୋନ୍‌ଙ୍କ ପ୍ରମୁଖ ଅଭିନୟ କରିଥିଲେ ।

## ପଠାନ୍

ସିଦ୍ଧାର୍ଥ ଆନନ୍ଦଙ୍କ 'ପଠାନ୍' ସିନେମାକୁ ନେଇ ଦର୍ଶକଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ସିନେମାଟି ଭଲ ଆୟ କରିଥିଲା । ରିଲିଜ୍‌ର ପ୍ରଥମ ଦିନରେ ବ୍ରିଟେନରେ ୩ କୋଟି ୨୨ ଲକ୍ଷ ସଂଗ୍ରହ କରିଥିଲା । ହଜାରେ କୋଟି ଆୟ କରି ଇତିହାସ ରଚିଥିଲା । ଶାହରୁଖ ଖାନ୍, ଦୀପିକା, ଜନ୍ ଆବ୍ରାହମଙ୍କ ଅଭିନୀତ ଏହି ଫିଲ୍ମ ୨୦୨୩ ଜାନୁଆରୀ ୨୫ରେ ମୁକ୍ତିଲାଭ କରିଥିଲା । ଏଥିରେ ସଲମାନ ଖାନଙ୍କୁ ବି ଦେଖିବାକୁ ମିଳିଥିଲା ।

## ରକି ଔର୍ ରାନୀକୀ ପ୍ରେମ କାହାନୀ

ସିନେମା 'ରକି ଔର୍ ରାନୀ କି ପ୍ରେମ କାହାନୀ'କୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ । ତେବେ ଏହି ସିନେମା ମାଧ୍ୟମରେ କରଣ ଜୋହର୍ ସାତ ବର୍ଷ ପରେ ନିର୍ଦ୍ଦେଶକ ଭାବେ କାମ କଲେ । 'ରକି ଔର୍ ରାନୀ କି ପ୍ରେମ କାହାନୀ'ରେ ରକି ଚରିତ୍ରରେ ରଣବୀର ସିଂହ ଏବଂ ରାନୀ ଚରିତ୍ରରେ ଅଭିନୟ କରିଥିଲେ ଆଲିୟା ଭଟ୍ଟ । ସେହିପରି ସିନେମାରେ ଧର୍ମେନ୍ଦ୍ର, ଜୟା ବଚ୍ଚନ, ଶବାନା ଆଜ୍‌ମି ପ୍ରମୁଖ ଅଭିନୟ କରିଛନ୍ତି ।

## ଲିଓ

ଲୋକେଶ କନଗରାଜଙ୍କ ନିର୍ଦ୍ଦେଶିତ 'ଲିଓ' ସିନେମାଟି ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା । 'ଲିଓ'ରେ ଥଲପତି ବିଜୟ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ବେଳେ ସଞ୍ଜୟ ଦତ୍ତ, ଅର୍ଜୁନ, ତ୍ରିଷା, ଗୌତମ ବାସୁଦେବ ମେନନ, ପ୍ରିୟା ଆନନ୍ଦ ଅଭିନୟ କରିଛନ୍ତି । ଅଗ୍ରୀମ ବୁକିଂ ମାଧ୍ୟମରେ ପ୍ରଥମ ଦିନରେ ୩ କୋଟି ୨୩ ଲକ୍ଷ ଟଙ୍କା ସଂଗ୍ରହ କରିଥିଲା । ସେହିପରି ସିନେମାଟିକୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ବି ରିଲିଜ୍ କରାଯାଇଛି ।

## ଓଃ ମାଇଁ ଗଡ୍-୨

ଅକ୍ଷୟ କୁମାର ଏବଂ ପଙ୍କଜ ତ୍ରିପାଠୀଙ୍କ 'ଓଃ ମାଇଁ ଗଡ୍-୨' ସିନେମାର ଟିଜର ରିଲିଜ୍ ହେବା ପରେ ହିଁ ଅନେକ ସମସ୍ୟାକୁ ସାମ୍ନା କରିଥିଲା । ତେବେ ଏହାକୁ 'ଏ' ସାର୍ଟିଫିକେଟ୍ ମିଳିବା ପରେ ହିଁ ସିନେମାଟି ପରଦାରେ ମୁକ୍ତିଲାଭ କରିଥିଲା । ଏହି ଫିଲ୍ମ ମାଧ୍ୟମରେ ନିର୍ମାତା ଆଡଲ୍ଟ ଏଜୁକେସନ ଭଳି ପ୍ରସଙ୍ଗକୁ ଦେଖାଇଥିଲେ । ଅକ୍ଷୟଙ୍କୁ ଏଥିରେ ଶିବଙ୍କ ଦୂତ ଭାବେ ଦେଖିବାକୁ ମିଳିଥିଲା ।

## ଜେଲର୍

୨୦୨୩ ମସିହା ଅଗଷ୍ଟ ୧୦ରେ ପ୍ରେକ୍ଷାଳୟକୁ ଆସିଥିଲା ଫିଲ୍ମ 'ଜେଲର୍' । ରଜନୀକାନ୍ତ ଏହି ସିନେମାକୁ ନେଇ ଖୁବ୍ ଚର୍ଚ୍ଚାରେ ଥିଲେ । ସେ ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ଆକ୍ସନ କମେଡି ସିନେମାଟିକୁ ଭଲ ବ୍ୟାବସାୟିକ ସଫଳତା ମିଳିଥିଲା । ଆମାଜନ ପ୍ରାଇମ୍‌ରେ ବି ଏହା ରିଲିଜ୍ ହୋଇଛି ।

## 'ଗଦ୍ଦର-୨'

ସନି ଦେଓଲ ଏବଂ ଅମିଷା ପଟେଲଙ୍କ ଅଭିନୀତ ଏହି ସିନେମାଟି ବକ୍ସ ଅଫିସ୍‌ରେ ଭଲ ଆୟ କରିଥିଲା । ଅନିଲ ଶର୍ମା ଦ୍ୱାରା ନିର୍ଦ୍ଦେଶିତ ଏବଂ ନିର୍ମିତ ଏହି ସିନେମାର କାହାଣୀକୁ ଶକ୍ତିମାନ ତଲୱାର ଲେଖିଛନ୍ତି । ୨୦୦୧ରେ ରିଲିଜ୍ ହୋଇଥିବା 'ଗଦ୍ଦର ଏକ ପ୍ରେମ କଥା'ର ଏହା ଥିଲା ସିକ୍ୱେଲ । 'ଗଦ୍ଦର-୨' ଆକ୍ସନ ଭିତ୍ତିକ ସିନେମା । ଏହାର ଗୀତଗୁଡ଼ିକକୁ ମଧ୍ୟ ଲୋକପ୍ରିୟତା ମିଳିଛି ।

## ଦ କେରଳ ଷ୍ଟୋରୀ

ସିନେମାର ରିଲିଜ୍ ସମୟରେ ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍‌ଙ୍କ ସିନେମା 'ଦ କେରଳ ଷ୍ଟୋରୀ'ର କ୍ରେଜ ଚାରିଆଡ଼େ ଦେଖିବାକୁ ମିଳିଥିଲା । ତେବେ କେରଳ ମହିଳାଙ୍କ ଏକ ସମୂହର ଏହା ହେଉଛି କାହାଣୀ । ସେମାନଙ୍କୁ ଇସ୍‌ଲାମ୍‌ରେ ପରିବର୍ତ୍ତନ ହେବା ଏବଂ ଇସଲାମିକ୍ ରାଜ୍ୟରେ ସାମିଲ ହେବା ଲାଗି ବାଧ୍ୟ କରାଯାଉଥିଲା । ଅଦା ଶର୍ମା, ଯୋଗିତା ବିହାନୀ, ସୋନିୟା ବଲାନୀ ଏବଂ ସିଦ୍ଧି ଇଦନାନୀ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହା ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିଥିଲା ।



## ତୁ ଝୁଟି ମେଁ ମକ୍କାର

୨୦୨୩ ମସିହାରେ ହୋଲି ଅବସରରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ତୁ ଝୁଟି ମେଁ ମକ୍କାର।' ରଣବୀର କପୁର ଏବଂ ଶ୍ରଦ୍ଧା କପୁରଙ୍କ ଏହି ସିନେମାଟି ବକ୍ସ ଅଫିସ୍‌ରେ ଭଲ ଆୟ କରିଥିଲା। ତେବେ ବ୍ରହ୍ମାସ୍ତ୍ର ପରେ ଏହା ଥିଲା ରଣବୀରଙ୍କ ତୃତୀୟ ସୁପରହିଟ୍ ଫିଲ୍ମ। ଲଭ ରଞ୍ଜନଙ୍କ ନିର୍ଦ୍ଦେଶିତ ଏହି ରୋମାଣ୍ଟିକ୍ କମେଡିକୁ ଦର୍ଶକେ ପସନ୍ଦ କରିଥିଲେ। ୨୨୦.୧୦ କୋଟିରୁ ଏହା ଅଧିକ ଆୟ କରିଥିଲା। ଏପରିକି ୨୦୨୩ ମସିହାର ସବୁଠୁ ଅଧିକ ଆୟ କରିଥିବା ଫିଲ୍ମ ମଧ୍ୟରେ ଏହା ଅଷ୍ଟମ ସ୍ଥାନରେ ଥିଲା।




## ଭୋଲା

୧୦୦ କୋଟି ବଜେଟ୍‌ରେ ନିର୍ମିତ 'ଭୋଲା' ସିନେମାର ଆୟ ୧୧୧ କୋଟି। ଆକ୍ସନ ଥ୍ରିଲର ଉପରେ ଏହାର କାହାଣୀ ଆଧାରିତ। ଅଜୟ ଦେବଗନଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ନିଜେ ଅଜୟ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଏଥିରେ ତବୁ, ଦୀପକ ଡୋବରିୟାଲ, ସଞ୍ଜୟ ମିଶ୍ର, ଗଜରାଜ ରାଓ ଏବଂ ବୀନିତା କୁମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ।

## ପୁଷ୍ପା-୨: ଦ ରୁଲ୍

୨୦୨୪ ମସିହାର ହିଟ୍ ଫିଲ୍ମ କଥା ଉଠିଲେ ସବା ଆଗରେ 'ପୁଷ୍ପା ୨' ନାଁ ହିଁ ଆସିବ। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦାନା ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ସିନେମାଟିର ବଜେଟ୍ ଥିଲା ୫୫୦ କୋଟି। ୯୦୦ କୋଟିରୁ ଏହା ଅଧିକ ଆୟ କରିଛି।

## ସ୍ତ୍ରୀ-୨

୨୦୨୪ ମସିହାରେ ସବୁଠୁ ଅଧିକ ଆୟ କରିଥିଲା 'ସ୍ତ୍ରୀ-୨' ସିନେମା। ରାଜକୁମାର ରାଓ ଓ ଶ୍ରଦ୍ଧା କପୁର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। ସିନେମାର କାହାଣୀ ହରର କମେଡି ଉପରେ ଆଧାରିତ ଥିଲା। ସେହିପରି ସିନେମାର ଗୀତ ମଧ୍ୟ ସୁପରହିଟ୍ ହୋଇଥିଲା। ଅନ୍ୟପଟେ ୧୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ୮୦୦ କୋଟିରୁ ଅଧିକ ଆୟ କରିଥିଲା।

## କଲ୍କି ୨୮୯୮ ଏଡି

ପ୍ରଭାସ, ଅମିତାଭ ବଚ୍ଚନ ଏବଂ କମଲ ହାସନଙ୍କ ଅଭିନୀତ 'କଲ୍କି ୨୮୯୮ ଏଡି' ସିନେମାକୁ ନେଇ ଖୁବ୍ ଆଶା ଥିଲା। ହେଲେ ଏହାକୁ ସେତେ ବେଶି ବ୍ୟାବସାୟିକ ସଫଳତା ମିଳିଲା ନାହିଁ। ଅବଶ୍ୟ ୨୦୨୪ ମସିହାରେ ସବୁଠୁ ଅଧିକ ଆୟ କରିଥିବା ତାଲିକାରେ ଏହା ସାମିଲ ଥିଲା। ଏହାର ବଜେଟ୍ ୫୦୦ କୋଟି ଥିଲା। ଏହାର ସମୁଦାୟ ଆୟ ହଜାରେ କୋଟି ପାଖାପାଖି ଥିଲା।

## ଭୁଲ୍ ଭୁଲୈୟା -୩




କାର୍ତ୍ତିକ ଆର୍ଯ୍ୟନଙ୍କ ଅଭିନୀତ ଏହି ସିନେମାଟି ମଧ୍ୟ ୨୦୨୪ରେ ବେଶ୍ ଚର୍ଚ୍ଚା ସାଉଁଟି ଥିଲା। ବିଦ୍ୟା ବାଲନ ଏବଂ ମାଧୁରୀ ଦୀକ୍ଷିତଙ୍କୁ ଏହି ସିନେମାରେ ଦେଖିବାକୁ ମିଳିଥିଲା। ୧୫୦ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ୪୦୦ କୋଟି ଟଙ୍କା ଆୟ କରିଥିଲା।

## ଫାଇଟର୍

୨୦୨୪ ମସିହା ଜାନୁଆରୀ ୨୫ରେ ପ୍ରେକ୍ଷାଳୟକୁ ଆସିଥିଲା ସିନେମା 'ଫାଇଟର୍'। ହ୍ରିତିକ୍ ରୋଶନ ଏବଂ ଦୀପିକା ପାଦୁ୍ୟକୋନଙ୍କ ଅଭିନୀତ ଏହି ସିନେମା ସବୁଠୁ ଅଧିକ ଆୟ କରିଥିଲା। ୨୨୫ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ୩୫୫ କୋଟି ଟଙ୍କା ଆୟ କରିଥିଲା। ଏହାର କାହାଣୀ ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ ପାଇଲଟଙ୍କ ଉପରେ ଆଧାରିତ।

## ସୈତାନ

ଅଜୟ ଦେବଗନଙ୍କ 'ସୈତାନ' ସିନେମା ୨୦୨୪ ମସିହାରେ ବଡ଼ ପରଦାକୁ ଆସିଥିଲା। ଫିଲ୍ମଟିକୁ ଭଲ ବ୍ୟାବସାୟିକ ସଫଳତା ମିଳିଥିଲା। ୧୫୦ କୋଟି ଟଙ୍କା ବକ୍ସ ଅଫିସ୍‌ରେ ଏହା ଆୟ କରିଥିଲା।

## ତେରି ବାତୋ ମେଁ ଏସି ଉଲ୍‌ଝା ଜିଆ

'ତେରି ବାତୋ ମେଁ ଏସି ଉଲ୍‌ଝା ଜିଆ' ସିନେମାଟି ୧୦୦ କୋଟି ଟଙ୍କା ଛୁଇଁ ନ ଥିଲା। ତେବେ ସିନେମାର ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଭାରତରେ ସିନେମାଟିର ସମୁଦାୟ ଆୟ ଥିଲା ୮୭ କୋଟି ଟଙ୍କା।

## ଆର୍ଟିକିଲ୍ ୩୭୦




କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦର କାହାଣୀ 'ଆର୍ଟିକିଲ୍ ୩୭୦'ରେ ଦେଖିବାକୁ ମିଳିଥିଲା। ଏହି ସିନେମାରେ ଯାମୀ ଗୌତମ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଭାରତୀୟ ଗୁଇନ୍ଦା ଅଧିକାରୀ ଚରିତ୍ରରେ ଯାମୀ ଅଭିନୟ କରିଥିଲେ। ଆଦିତ୍ୟ ସହାସ ଜମ୍ଭାଲେ ଏହାର ନିର୍ଦ୍ଦେଶନା ଦେଇଥିଲେ। ଫିଲ୍ମର ଆୟ ଥିଲା ୮୧. ୦୨ କୋଟି ଟଙ୍କା।

## ବଡେ ମିଆଁ ଛୋଟେ ମିଆଁ




ସୁପରଷ୍ଟାର୍ ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍‌ଙ୍କ 'ବଡ଼େ ମିଆଁ ଛୋଟେ ମିଆଁ' ସିନେମା ଉପରେ ଦର୍ଶକେ ଖୁବ୍ ଆଶାବାଦୀ ଥିଲେ। ଏହାର ଦମ୍‌ଦାର୍ ଆକ୍ସନ ଓ ଡାଏଲଗ୍ ଦର୍ଶକେ ପସନ୍ଦ କରିବେ କୁହାଯାଉ ଥିଲା। ହେଲେ ଏହାକୁ ଦର୍ଶକୀୟ ଭଲ ପାଇବା ମିଳିଲା ନାହିଁ। ୬୫.୮୦ କୋଟି ଟଙ୍କା ଏହା ଆୟ କରିଥିଲା। ଏଥିରେ ଆକ୍ସନ ଓ କମେଡିର ଖୋରାକ୍ ଥିଲା।

## ମଡଗାଓଁ ଏକ୍ସପ୍ରେସ୍

୨୦୨୪ ମାର୍ଚ୍ଚ ୨୨ରେ ପ୍ରେକ୍ଷାଳୟକୁ ଆସିଥିଲା ସିନେମା 'ମଡଗାଓଁ ଏକ୍ସପ୍ରେସ୍।' ଏହି ବର୍ଷ ଏହି ଫିଲ୍ମଟି ସବୁଠୁ ଅଧିକ ଆୟ କରିଥିବା ସିନେମାର ୧୦ ନମ୍ବର ସୂଚୀରେ ଥିଲା। ସିନେମାଟି ୩୭.୫୧ କୋଟି ଟଙ୍କା ଆୟ କରିଥିଲା।

## ଦେବରା ପାର୍ଟ-୧

ଜୁନିୟର ଏନ୍‌ଟିଆର୍, ଜାହ୍ନବୀ କପୁର, ସୈଫ୍ ଅଲୀ ଖାନ ଅଭିନୀତ 'ଦେବରା ପାର୍ଟ-୧' ସିନେମା ଭଲ ଆୟ କରିଥିଲା। ୨୫୦ କୋଟି ଟଙ୍କା ବଜେଟ୍‌ରେ ନିର୍ମିତ ଏହି ସିନେମା ୪୪୩ କୋଟି ଟଙ୍କା ଆୟ କରିବାରେ ସଫଳ ହୋଇଥିଲା।

## ସିଂଘମ୍ ଏଗେନ



ସେହିପରି ଅଜୟ ଦେବଗନଙ୍କ ଅଭିନୀତ 'ସିଂଘମ ଏଗେନ୍'କୁ ବି ଭଲ ବ୍ୟାବସାୟିକ ସଫଳତା ମିଳିଥିଲା। ସିନେମାଟିକୁ ବି ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ୩୦୦ କୋଟି ବଜେଟ୍‌ରେ ଏହାକୁ ନିର୍ମାଣ କରାଯାଇଥିଲା। ହେଲେ ଏହା ବଜେଟ୍‌ଠୁ ଅଧିକ ଆୟ କରିଥିଲା। ଏହା ୩୭୮ କୋଟି ଟଙ୍କା ଆୟ କରିଥିଲା। ■



ତୁ ଝୁଟି ମେଁ ମକ୍କାର







ଫାଇଟର୍

# ସଫଳ ହିନ୍ଦୀ ଫିଲ୍ମ




ଫିଲ୍ମର ସଫଳତା ଜାଣିବା ପାଇଁ ବକ୍ସ ଅଫିସ୍ ରେକର୍ଡକୁ ବିଚାର କରାଯାଏ । ପ୍ରତିବର୍ଷ ବଲିଉଡ୍‌ରେ ଅନେକ ଫିଲ୍ମ ମୁକ୍ତିଲାଭ କରିଥାଏ । ସେଥିମଧ୍ୟରୁ କିଛି ଫିଲ୍ମ ହିଟ୍ ହୋଇଥିବାବେଳେ କିଛି ଫ୍ଲପ୍ ହୋଇଥାଏ । କିନ୍ତୁ କିଛି ଫିଲ୍ମ ବକ୍ସ ଅଫିସ୍‌ରେ ମଧ୍ୟମ ଧରଣ ରୋଜଗାର କରି ମଧ୍ୟ ରେକର୍ଡ କରିଥାଏ । ତେବେ ୨୦୨୫ ମସିହାରେ ମୁକ୍ତି ଲାଭ କରିଥିବା କେତୋଟି ସଫଳ ଫିଲ୍ମକୁ ନେଇ ଏହି ଉପସ୍ଥାପନା ।




## ଜଲି ଏଲ୍‌ଏଲ୍‌ବି - ଥ୍ରୀ

‘ଜଲି ଏଲ୍‌ଏଲ୍‌ବି– ଥ୍ରୀ’ ଫିଲ୍ମର କାହାଣୀ ଏକ କୃଷକ ପରିବାର ଉପରେ ପର୍ଯ୍ୟବସିତ । ଜଣେ ଉଦ୍ୟୋଗପତି ଜାଲିଆତି କରି କୃଷକର ଜମି ହଡ଼ପ କରିବା ପରେ କୃଷକ ଜଣକ ଆତ୍ମହତ୍ୟା କରିଛନ୍ତି । ପରବର୍ତ୍ତୀ ସମୟରେ ଏହି ଘଟଣା ଦିଲ୍ଲୀ ଅଦାଲତରେ ପହଞ୍ଚେ । ଏଠାରେ ଜଗଦୀଶ ତ୍ୟାଗୀ (ଅରଶଦ ୱାରସୀ) ଓ ଜଗଦୀଶ ମିଶ୍ରା (ଅକ୍ଷୟ କୁମାର) ଦୁଇ ପକ୍ଷରୁ ଭିନ୍ନ ଭିନ୍ନ ଭାବେ ମକଦ୍ଦମା ଲଢ଼ନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଦୁଇଜଣ ମିଳିତ ହୋଇ କୃଷକର ବିଧବା ପତ୍ନୀଙ୍କୁ ନ୍ୟାୟ ଦେବା ପାଇଁ ନିଷ୍ପତ୍ତି ନିଅନ୍ତି । ଏହାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ । ସୁବାଷ କପୁରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟ କୁମାର, ଅରଶଦ ୱାରସୀ, ସୌରଭ ଶୁକ୍ଳା, ହୁମା କ୍ୟୁରେସୀ, ଅମ୍ରିତା ରାଓ, ରାମ କପୁର ଭଳି କଳାକାର ଅଭିନୟ କରିଛନ୍ତି । କୋର୍ଟରୁମ ଡ୍ରାମା ‘ଜଲି ଏଲଏଲବି ଥ୍ରୀ’ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଥିଲା । ଅବଶ୍ୟ ଫିଲ୍ମ ରିଲିଜ୍ ହେବାର ଏକ ମାସ ସମ୍ପୂର୍ଣ୍ଣ ହେବା ପରେ ଏହାର ଆୟ ଧୀରେ ଧୀରେ କମିଥିଲା । ସୁବାଷ କପୁରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟ କୁମାର ଓ ଅଶରଦ ୱାରସୀଙ୍କୁ ଓକିଲ ଭୂମିକାରେ ଏବଂ ସୌରଭ ଶୁକ୍ଲାଙ୍କୁ ଜଷ୍ଟିସ ଭୂମିକାରେ ଦେଖିବାକୁ ମିଳିଛି । ସାକନିଲକ ରେକର୍ଡ ଅନୁସାରେ ‘ଜଲି ଏଲ୍‌ଏଲ୍‌ବି ଥ୍ରୀ’ ୧୧୫.୮ ୯ କୋଟି ଟଙ୍କା ଆୟ କରିଥିଲା । ଏହି ଫିଲ୍ମ ଶାହରୁଖ ଖାନ୍, କରିନା କପୁର୍ ଓ ଅର୍ଜୁନ ରାମ୍‌ପଲ୍‌ଙ୍କ ‘ରାୱନ୍’ ସିନେମାର ରେକର୍ଡକୁ ଅତିକ୍ରମ କରିଛି ।

## କେଶରୀ ଚାପ୍ଟର-୨




ଅକ୍ଷୟ କୁମାରଙ୍କ ଅଭିନୀତ ‘କେଶରୀ ଚାପ୍ଟର-୨’ ଫିଲ୍ମ ଜାଲିଆନାୱାଲାବାଗ୍ ନରସଂହାର ଉପରେ ଆଧାରିତ । ବିଶେଷ କରି କୋର୍ଟ ରୁମ ଡ୍ରାମା ଉପରେ ଏହି ଫିଲ୍ମଟି ପର୍ଯ୍ୟବସିତ । ଫିଲ୍ମର କାହାଣୀ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡରୁ ଆରମ୍ଭ ହେଉଛି । କରନ୍ ସିଂ ତ୍ୟାଗୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଅକ୍ଷୟ କୁମାର, ଆର୍ ମାଧବନ୍ ଓ ଅନନ୍ୟା ପାଣ୍ଡେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୯୪.୪୮ କୋଟି ଟଙ୍କା ରୋଜଗାର କରିଥିଲା ।

## ଦେବା




‘ଦେବା’ ଏକ ମନୋରଞ୍ଜନ ଭିତ୍ତିକ ଫିଲ୍ମ । ଏଥିରେ ସସ୍‌ପେନ୍ସ ଓ ଆକ୍ସନ୍ ରହିଛି । ସାହିଦ୍ କପୁରଙ୍କୁ ଏକ ନିଆରା ଚରିତ୍ରରେ ଦେଖିବାକୁ ମିଳିଛି । ସିନେମାର କାହାଣୀଟି ଦର୍ଶକଙ୍କୁ ପ୍ରଥମରୁ ବାନ୍ଧି ରଖିଛି । ଏହାପରେ ପଛକୁ ପଛ ଦମଦାର ଦୃଶ୍ୟ ସହ ସାହିଦ୍ କପୁର୍‌ଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୫୧.୭୩ କୋଟିରୁ ୫୯ କୋଟି ଟଙ୍କା ଆୟ କରିଥିଲା ।





## ଜାଟ୍

ଜଣେ ଦୁର୍ଦ୍ଦାନ୍ତ ଖଳନାୟକ ରାଣାତୁଙ୍ଗର କାହାଣୀକୁ ନେଇ ତିଆରି ହୋଇଛି ‘ଜାଟ୍’ ଫିଲ୍ମ । ଯିଏ ଆନ୍ଧ୍ର ପ୍ରଦେଶର ଚାଳିଶଟି ଗାଁରେ ରାଜ୍ କରୁଥିଲା । ନିଜର ଶକ୍ତି ବଳରେ ସେ ସମସ୍ତଙ୍କୁ ଭୟଭୀତ କରୁଥିଲା । ତାକୁ ହରାଇବା ପାଇଁ ଏକ ରହସ୍ୟମୟ ଜାଟ୍ ( ସନ୍ନି ଦେଓଲ) ର ପ୍ରବେଶ ହୁଏ । ଯାହାର ମୂଳ ଲକ୍ଷ୍ୟ ରାଣାତୁଙ୍ଗଙ୍କୁ ଉଚିତ୍ ଶିକ୍ଷା ଦେବା । ଏହାପରେ ଫିଲ୍ମର କାହାଣୀ ଆଗକୁ ଗତିଶୀଳ ହୋଇଛି । ଗୋପୀଚାନ୍ଦ ମାଲିନେନୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସନ୍ନି ଦେଓଲ, ରଣଦୀପ ହୁଡ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୧୧୮ କୋଟି ଟଙ୍କା ଆୟ କରିଥିଲା ।

## ସନି ସଂସ୍କାରୀ କି ତୁଲସୀ କୁମାରୀ





୨ ଅକ୍ଟୋବର ୨୦୨୫ରେ ରିଲିଜ୍ ହୋଇଥିବା ‘ସନି ସଂସ୍କାରୀ କି ତୁଲସୀ କୁମାରୀ’ ଫିଲ୍ମରେ ବରୁଣ ଧୱନ, ଜାହ୍ନବୀ କପୁର୍‌ଙ୍କ ସମେତ, ରୋହିତ ସରାଫ, ସାନ୍ୟା ମଲହୋତ୍ରାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଥିଲା । ଶଶାଙ୍କ ଖେତାନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୯ କୋଟି ଟଙ୍କାର ଓପନିଂ କରିଥିଲା । ଏହା ଏକ ରୋମାଣ୍ଟିକ୍ କମେଡ଼ି ଫିଲ୍ମ । ଏଥିରେ ବରୁଣ ଧୱନ ଓ ଜାହ୍ନବୀ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହି ଫିଲ୍ମଟି ବକ୍ସ ଅଫିସରେ ୯ ୭.୩୩ କୋଟି ଟଙ୍କା ଆୟ କରିଥିଲା ।




## ଭୁଲ୍‌ଚୁକ୍ ମାଫ୍

‘ଭୁଲଚୁକ୍ ମାଫ୍’ ଏକ ହିନ୍ଦୀ କାଳ୍ପନିକ କମେଡ଼ି ଫିଲ୍ମ । ଫିଲ୍ମଟି ବନାରସର ରଞ୍ଜନ( ରାଜକୁମାର ରାଓ) ଙ୍କ ପ୍ରେମ କାହାଣୀ ଉପରେ ଆଧାରିତ । ସେ ନିଜ ପ୍ରେମିକା ତିତ୍‌ଲି ସହ ବିବାହ କରିବାକୁ ଚାହୁଁଛନ୍ତି । ପିତାଙ୍କ ସର୍ତ୍ତ ଅନୁସାରେ ଏଥିପାଇଁ ତାଙ୍କୁ ୧ ମାସ ମଧ୍ୟରେ ସରକାରୀ ଚାକିରି କରିବାକୁ ପଡ଼ିବ । ଏଥିପାଇଁ ସେ କେଉଁ ସବୁ ପରିସ୍ଥିତିର ସାମ୍ନା କରୁଛନ୍ତି ତାହା ଏହି ଫିଲ୍ମରେ ପ୍ରଦର୍ଶିତ କରାଯାଇଛି । କରଣ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୯୦ . ୬୮ କୋଟି ଟଙ୍କା ଆୟ କରିଥିଲା । ଏହା ଏକ ମଧ୍ୟମ ଧରଣର ଫିଲ୍ମ ଥିଲା ।


## ପରମ ସୁନ୍ଦରୀ




‘ପରମ ସୁନ୍ଦରୀ’ର କାହାଣୀ ଦିଲ୍ଲୀର ଜଣେ ଧନୀ ଯୁବକ ପରମଙ୍କ ଉପରେ ଆଧାରିତ । ସେ ନିଜ ବାପାଙ୍କ ପଇସାରେ ଡେଟିଂ ଆପ୍ ସୋଲମେଟ୍‌ରେ ନିବେଶ କରିବାକୁ ଚାହୁଁଛନ୍ତି । କିନ୍ତୁ ଏଥିପାଇଁ ପରମଙ୍କ ପିତା ଏକ ସର୍ତ୍ତ ରଖୁଛନ୍ତି । ସେ ନିଜ ପାଇଁ ଏକ ଭଲ ଜୀବନ ସାଥୀ ବାଛି ପାରିଲେ ସେ ଏଥିରେ ଟଙ୍କା ନିବେଶ କରିବେ ବୋଲି କହିଛନ୍ତି । ଏହାକୁ ନେଇ ଫିଲ୍ମଟି କାହାଣୀ ଗତିଶୀଳ ହୋଇଛି । ଏଥିରେ ସିଦ୍ଧାର୍ଥ ମଲହୋତ୍ରା ଓ ଜାହ୍ନବୀ କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମଟି ବକ୍ସ ଅଫିସ୍‌ରେ ୮୫ କୋଟି ଟଙ୍କା ଆୟ କରିଥିଲା । ■

# ଲୋକପ୍ରିୟ ସିନେମା କିଛି କଥା, କିଛି ବ୍ୟଥା



**୨୦୨୪ ଓ ୨୦୨୫ ମସିହାରେ ପ୍ରେକ୍ଷାଳୟକୁ ଯେଉଁ ସବୁ ବଲିଉଡ୍ ସିନେମା ଆସିଥିଲା ତନ୍ମଧ୍ୟରୁ ଅଧିକାଂଶ ଫିଲ୍ମକୁ ନେଇ ଚର୍ଚ୍ଚା ଲାଗି ରହିଛି । ଫିଲ୍ମ 'ସ୍ତ୍ରୀ-୨' ହେଉ କି 'ଜଲି ଏଲ୍ଏଲ୍ବି ଥ୍ରୀ' ସିନେମାରେ ଫିଲ୍ମ ନିର୍ମାତା କଠିନ ପରିଶ୍ରମ କରିଛନ୍ତି । ସମସ୍ତ କଳାକାରଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ଦ୍ୱାରା ଆଦୃତି ଲାଭ କରିଛି । ତେବେ ନିକଟ ଅତୀତରେ ରିଲିଜ୍ ହୋଇଥିବା 'କାନ୍ତାରା ଚାପ୍ଟର-୧' ଫିଲ୍ମ ଦେଖିବାକୁ ପ୍ରଥମ ଦିନରୁ ହିଁ ହଲ୍‌ରେ ଦର୍ଶକଙ୍କ ଭିଡ଼ ଜମିଥିଲା । ସାଉଥ୍ ଫିଲ୍ମର କାହାଣୀକୁ ନେଇ ଅନେକ ଫିଲ୍ମ ନିର୍ମାଣ ହେଲେ ବି ଏହାର ହିନ୍ଦୀ ଡବିଂର ଭିନ୍ନ ପ୍ରକାର କ୍ରେଜ୍ ରହୁଛି । ତେବେ ହିନ୍ଦୀ ସିନେମା କାହିଁକି ଦର୍ଶକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁଛି, ତାହାକୁ ନେଇ ଏହି ଆଲେଖ୍ୟ ।**









## "ଅତୀତର ସିନେମା ଅଧିକ ରୋଜଗାର କରୁଥିଲା"

ଯଶ୍ ଚୋପ୍ରାଙ୍କ 'ଦିଲ୍‌ୱାଲେ ଦୁଲହନିଆ ଲେ ଯାଏଙ୍ଗେ' ସିନେମାଟି ଆଜି ପର୍ଯ୍ୟନ୍ତ ହଲ୍‌ରେ ଚାଲୁଛି । ସେହି ସିନେମାର ସଫଳତାକୁ ଯଦି ଆଜିର ସିନେମା ସହିତ ତୁଳନା କରାଯିବ ତାହା ତୁଚ୍ଛମାତ୍ର । ଅତୀତରେ ୨୫ ସପ୍ତାହ ଧରି ସିନେମା ଚାଲୁଥିଲା । ତାହାକୁ 'ସିଲଭର୍ ଜୁବଲି ସିନେମା', ୫୦ ସପ୍ତାହ ଚାଲୁଥିବା ସିନେମାକୁ 'ଗୋଲଡେନ୍ ଜୁବ୍‌ଲି ସିନେମା', ଶହେ ସପ୍ତାହ ଚାଲିଲେ 'ଡାଇମଣ୍ଡ ଜୁବଲି ସିନେମା' କୁହାଯାଉଥିଲା । ଏଭଳି ସିନେମା ସୁବାଷ ଘାଇ, ଯଶ୍ ଚୋପ୍ରା, ରାକେଶ ରୋଶନ ପ୍ରମୁଖ ନିର୍ମାଣ କରୁଥିଲେ । ଦୁଃଖର ବିଷୟ ଆଜିର କୌଣସି ସିନେମା ପଚାଶ କି ଶହେ ସପ୍ତାହ ଧରି ଚାଲୁନାହିଁ । କାରଣ ଏବେ ଏକା ସାଙ୍ଗରେ ବହୁତ ପ୍ରେକ୍ଷାଳୟରେ ଅନେକ ସ୍କ୍ରିନ୍‌ରେ ମଲ୍‌ଟିପ୍ଲେକ୍ସ ସିନେମା ରିଲିଜ୍ ହେଉଛି । ଯାହାର ଟିକଟ୍ ମୂଲ୍ୟ ୧୨୦୦ରୁ ୧୫୦୦ ଟଙ୍କାରେ ବି ବିକ୍ରି ହେଉଛି । ତେଣୁ ଟଙ୍କା ପରିମାଣ ଆମକୁ ଅଧିକ ଲାଗୁଛି । ସେହିପରି ହିନ୍ଦୀ ସିନେମାର ମାନଠାରୁ ଦକ୍ଷିଣ ଭାରତର ସିନେମା ତଥା ଅନ୍ୟାନ୍ୟ ଆଞ୍ଚଳିକ ସିନେମା ଆଗରେ ରହିଛି । କନ୍ନଡ଼ର ସିନେମା 'କାନ୍ତାରା' ହେଉ ବା ଅନ୍ୟ ଭାଷାଭାଷୀର ସିନେମା ହିନ୍ଦୀ ସିନେମାଠାରୁ ଅଧିକ ରୋଜଗାର କରୁଛି । ଭାରତବର୍ଷରେ ଲୋକେ ଅନେକ ଆଞ୍ଚଳିକ ଭାଷାର ସିନେମାକୁ ପସନ୍ଦ କରୁଛନ୍ତି । କିନ୍ତୁ ଆଜିକାର ପିଢ଼ିଙ୍କ ଚିନ୍ତାଧାରା ଯେ, ବଲିଉଡ୍ ସିନେମା ୫୦୦ କି ୧୦୦୦ କୋଟି ବ୍ୟବସାୟ କଲା, ତାହା ଭଲ ସିନେମା । ଟିକଟ ଦର ଏବଂ ସ୍କ୍ରିନ୍‌ର ସଂଖ୍ୟା ମଲ୍‌ଟିପ୍ଲେକ୍ସ ଅଧିକ ଏହାର ମୂଳ କାରଣ । ପୂର୍ବଭାରତ, ଓଡ଼ିଶା, କୋଲକାତା, ଆସାମ ଆଦି ସ୍ଥାନରେ ହିନ୍ଦୀ ସିନେମା ଅଧିକ ରୋଜଗାର କରୁଛି । ଏହି ସ୍ଥାନର ଲୋକମାନେ ନିଜ ଭାଷା ବଦଳରେ ହିନ୍ଦୀ ଭାଷାକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ସିନେମା ଅଧିକ ରୋଜଗାର କରୁଛି । ଯଦି ଦେଖିବା ହିନ୍ଦୀ ସିନେମା ଦକ୍ଷିଣ ଭାରତରେ ବହୁତ କମ୍ ରୋଜଗାର କରେ । ଦକ୍ଷିଣ ଭାରତରେ ସାଧାରଣତଃ ନିଜ ଭାଷାକୁ ଲୋକେ ଅଧିକ ଭଲ ପାଆନ୍ତି । ତାଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ତାଙ୍କ ସିନେମା ଆଗ ଦେଖନ୍ତି । ସେ ଦୃଷ୍ଟିରୁ ହିନ୍ଦୀ ସିନେମା ତୁଳନାରେ ଦକ୍ଷିଣ ଭାରତ ସିନେମା ଅଧିକ ରୋଜଗାର କରିଥାଏ । ତେଲୁଗୁ ଇଣ୍ଡଷ୍ଟ୍ରି, ତାମିଲ ଇଣ୍ଡଷ୍ଟ୍ରି, କନ୍ନଡ଼ ଇଣ୍ଡଷ୍ଟ୍ରି ଓ ମାଲାୟଲମ ଇଣ୍ଡଷ୍ଟ୍ରି ହେଉଛି ମୁଖ୍ୟ ଇଣ୍ଡଷ୍ଟ୍ରି । ଆଞ୍ଚଳିକ ସିନେମା ଏଠାରେ ତିଆରି ହୁଏ । ଆଜିର ଦିନରେ ଏହି ଇଣ୍ଡଷ୍ଟ୍ରିରେ ସିନେମାଗୁଡ଼ିକ ବଡ଼ ବଜେଟରେ ତିଆରି ହେଉଛି । ପ୍ୟାନ୍ ଇଣ୍ଡିଆ ଭାବେ ଡବିଂ ହୋଇ ହିନ୍ଦୀରେ ରିଲିଜ୍ ହେଉଛି । ଯାହାକୁ ଦର୍ଶକ ଅଧିକ ପସନ୍ଦ କରୁଛନ୍ତି । ସର୍ବଭାରତୀୟସ୍ତରରେ ସେ ସିନେମାଗୁଡ଼ିକ ହିନ୍ଦୀ ସିନେମାଠାରୁ ଅଧିକ ସଫଳତା ପାଉଛି । ଯାହାର ଉଦାହରଣ ଭାବେ 'ବାହୁବଲୀ', 'ବାହୁବଲୀ-୨', 'କାନ୍ତାରା' 'କାନ୍ତରା ଚାପ୍ଟର ୧' ଆଦିକୁ ନେଇ ପାରିବା । ଯଦି ଲାଗୁଛି ଆଜିର ବଲିଉଡ୍ ସିନେମା ଅଧିକ ବ୍ୟବସାୟ କରୁଛି, ତାହା କେବଳ ଆମ ଏକ ଭ୍ରାନ୍ତ ଧାରଣା । ଆଗ ଅପେକ୍ଷା ଟିକେଟ ଦର ବଢ଼ିଛି । ଭାରତ ବାହାରେ ମଧ୍ୟ ଭାରତୀୟ ରହୁଥିବାରୁ ଗୋଟିଏ ସପ୍ତାହରେ ବଲିଉଡ୍ ସିନେମା ରୋଜଗାର କରୁଛି । ଆଜିର ସିନେମା ତୁଳନାରେ ଅତୀତର ସିନେମା ଅଧିକ ରୋଜଗାର କରୁଥିଲା । ■

**ଅଶୋକ ପତି, ସିନେ ନିର୍ଦ୍ଦେଶକ**



## “ମୌଳିକ କାହାଣୀର ଚାହିଦା ଅଧିକ”

ନିକଟରେ ହଲ୍‌ରେ ‘କାନ୍ତାରା ଚାପ୍ଟର-୧’ ଦେଖିଛି । ‘କାନ୍ତାରା’ ଏକାଧାରାରେ ମାଟି ମା’, ମଣିଷ ଆଉ ଦୈବୀ ଶକ୍ତିର ପ୍ରଭାବର ଏକ ନିଚ୍ଛକ ଚିତ୍ରପଟ୍ଟ । ଏଥିରେ ମନୁଷ୍ୟ ମଧ୍ୟରେ ଥିବା ତଥାକଥିତ କୁସଂସ୍କାର ଆଉ ଅନ୍ଧବିଶ୍ୱାସର ରୀତିନୀତି ଆଉ ପ୍ରକୃତ ସ୍ଥିତିକୁ ନେଇ ସୁନ୍ଦର ଭାବେ ଦର୍ଶାଯାଇଛି । ବର୍ତ୍ତମାନ ସମୟରେ ଏଭଳି ଏକ ବିଷୟବସ୍ତୁ ଉପରେ ନିର୍ମିତ ସିନେମା ନିର୍ଦ୍ଦେଶକ, ଲେଖକ ଏବଂ ନାୟକ-ନାୟିକାଙ୍କ ବହୁମୁଖୀ ପ୍ରତିଭାର ପରିଚୟ ଦିଏ । ଯାହାକୁ ଅନୁସରଣ କରି ବଲିଉଡ୍‌ର ଫିଲ୍ମ ନିର୍ମାତା ଏପରି ସିନେମା କରିବାକୁ ପ୍ରେରଣା ପାଉଛନ୍ତି । ଏବେ ମୌଳିକ କାହାଣୀ, ଲୋକେସନ୍, ବଜେଟ୍ ଏ ସବୁରେ ଫିଲ୍ମ ନିର୍ମାତା ସଚେତନ ହେଲେଣି । ■

**ଆଦ୍ୟାଶା ପଣ୍ଡା**, ଭୁବନେଶ୍ୱର



## “ବାସ୍ତବଧର୍ମୀ କାହାଣୀକୁ ଦର୍ଶକ ଗ୍ରହଣ କରୁଛନ୍ତି ”

ହିନ୍ଦୀ ସିନେମା ବ୍ୟାବସାୟିକ ସଫଳତା ଲାଭର ମୂଳ କାରଣ ହେଉଛି, ଏବେ ଭିନ୍ନ ଭିନ୍ନ କଣ୍ଟେଣ୍ଟର ଫିଲ୍ମ ଆସୁଛି । କିଛି କିଛି ସ୍ଥାନରେ ପ୍ରଶଂସା ପାଉଛି । ଆଗରୁ ବଲିଉଡ୍ ସିନେମାରେ ପ୍ରେମ କାହାଣୀ ଅଧିକ ରହୁଥିଲା । କିଛି ପ୍ରେମ କାହାଣୀକୁ ନେଇ ସିନେମା କାଳଜୟୀ ରହିଛି । ତେବେ ସମାନ କାହାଣୀକୁ ନେଇ ସବୁ ସମୟରେ ସିନେମା କରାଗଲେ ତାହା ଫ୍ଲପ୍ ସାବ୍ୟସ୍ତ ହେବ । ତେଣୁ ବିଗ୍ ହାଉସ୍ ଏବେ ଭଲ କଣ୍ଟେଣ୍ଟର ସିନେମା କରିବାକୁ ଚାହୁଁଛନ୍ତି । ଫିଲ୍ମ ନିର୍ମାତା ଭାରତୀୟଙ୍କ ଭାବାବେଗ, ବିଶ୍ୱାସକୁ ଧ୍ୟାନ ଦେଇ ସିନେମା କରୁଥିବାରୁ ସିନେମା ହୃଦୟ ଛୁଆଁ ହେଉଛି । ହଲିଉଡ୍ କି ସାଉଥ୍‌ର ସିନେମାକୁ ଦେଖି ବଲିଉଡ୍ ଏବେ ନିଜକୁ ସଜାଡୁଛି । ସାଉଥ୍‌ର ଅନେକ ଫିଲ୍ମ ହିନ୍ଦୀ ଡବିଂ ହୋଇ ବ୍ୟାବସାୟିକ ସଫଳତା ହାସଲ କରୁଛି । ତେଣୁ ଏହି ଧାରା ବଜାୟ ରହିଲେ ଆଗାମୀ ଦିନେ ବଲିଉଡ୍ ସିନେମା ଆହୁରି ଲୋକପ୍ରିୟ ହୋଇପାରିବ । ■

**ଅଶ୍ୱିନୀ ତ୍ରିପାଠୀ**, ସିନେ ନିର୍ଦ୍ଦେଶକ



## “ଭଲ କାହାଣୀର ସିନେମା ଦର୍ଶକଙ୍କୁ ବାନ୍ଧି ରଖେ”

ପ୍ରଥମେ ମୁଁ ଜଣେ ଦର୍ଶକ ତା’ପରେ ଅଭିନେତ୍ରୀ । ପିଲାଦିନରୁ ଭଲ କାହାଣୀ ସିନେମା ପ୍ରତି ଦୁର୍ବଳତା ରହିଛି । ତେଣୁ ଫାଉଣ୍ଡେସନ୍ ହେଉଛି କାହାଣୀ, ତା ସହିତ ଭଲ ମେକିଂ । ପାରମ୍ପରିକ କାହାଣୀକୁ ବାରମ୍ବାର ରିପିଟ୍ ନ କରି ଯଦି କିଛି ସୃଜନଶୀଳ କାହାଣୀ କରାଯାଏ, ତାହା ସମୟ ସହିତ ତାଳ ଦେଇ ଚାଲେ । ତା’ ଅର୍ଥ ନୁହେଁ, ମୂଳ ସଂସ୍କୃତିକୁ ଭୁଲିଯିବା । ଫିଲ୍ମ ନିର୍ମାତା ଭାରତର ମୂଳ ସଂସ୍କୃତିକୁ ନଭୁଲି ସଂସ୍କୃତି ପରମ୍ପରା, ରୀତିନୀତିକୁ ନେଇ ସିନେମା କଲେ ବି ତାହାକୁ ସବୁ ବର୍ଗର ଦର୍ଶକ ଗ୍ରହଣ କରନ୍ତି, ଏହା ‘କାନ୍ତାରା’ ପ୍ରମାଣିତ କରିଛି । ଅଧୁନା ଏଆଇର ଯୁଗ । ଏହାର ଦୁରୁପଯୋଗ ନକରି ସିନେମାରେ ଯେଉଁଠି ଦରକାର, ସେଠାରେ ଏଆଇ ବ୍ୟବହାର କରାଯିବା ଉଚିତ । ଗୋଟିଏ ବାସ୍ତବ ଓ ଭଲ କାହାଣୀର ସିନେମା ଦର୍ଶକଙ୍କୁ ବାନ୍ଧି ରଖେ । ■

**ସନ୍‌ମିରା ନାଗେଶ**, ଅଭିନେତ୍ରୀ

## “ଟେକ୍ନୋଲୋଜି ପ୍ରୟୋଗରେ ବଲିଉଡ୍ ଆଗୁଆ”



ଭିଏଫ୍‌ଏକ୍ସ ଓ ଟେକ୍ନୋଲୋଜିର ପ୍ରୟୋଗରେ ବଲିଉଡ୍ ସିନେମା ପଛରେ ନାହିଁ । ପୌରାଣିକ କଥାବସ୍ତୁକୁ ନେଇ ତିଆରି ହୋଇଥିଲା ଫିଲ୍ମ ‘ଆଦି ପୁରୁଷ’ । ଏଥିରେ ନୂତନ ଟେକ୍ନୋଲୋଜି ପ୍ରୟୋଗ ହୋଇଥିଲା, ତଥାପି କିଛି କାରଣ ଯୋଗୁ ଲୋକେ ଏହାକୁ ସମାଲୋଚନା କଲେ । ତେଣୁ ଏଥିରୁ ପ୍ରମାଣିତ ହେଲା, ଏବେକାର ଦର୍ଶକ ଭଲ କାହାଣୀ ସନ୍ଧାନରେ ଯାଉଛନ୍ତି । ବଲିଉଡ୍‌ର ଫିଲ୍ମ ନିର୍ମାତା ବି ଏବେ ରିସ୍କ ନେଇ କାମ କଲେଣି । ଟେକନିକ୍, ଆକ୍ସନ, ଷ୍ଟାଇଲ ଅପ୍ ମେକିଂ, ଇନଭେଷ୍ଟମେଣ୍ଟ ସବୁ କଥାରେ ବଲିଉଡ୍ ଇଣ୍ଡଷ୍ଟ୍ରି ଆଗରେ । ■

**ପ୍ରଣୟ ଜେଠୀ**
ଓଲିଉଡ୍ ମିଡ଼ିଆ ପ୍ଲାନର, କ୍ରିଏଟିଭ୍ ହେଡ୍, ଭୁବନେଶ୍ୱର



## “ମନୋରଞ୍ଜନ ଭିତ୍ତିକ ଫିଲ୍ମ ‘ଜଲି ଏଲ୍‌ଏଲ୍‌ବି-ଥ୍ରୀ”

‘ଜଲି ଏଲ୍‌ଏଲ୍‌ବି ଥ୍ରୀ’ ଫିଲ୍ମର କାହାଣୀ ବହୁତ ବଢ଼ିଆ ହୋଇଛି । ଅକ୍ଷୟ କୁମାର ଓ ଅରଶଦ୍ ୱାର୍‌ସୀଙ୍କ ଯୋଡ଼ି ବହୁତ ବଢ଼ିଆ ଲାଗୁଛି । ଏହି ଫିଲ୍ମରେ ଦୁହେଁ ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି । ଏଥିରେ ଭଲ କମେଡି ସିନ୍ ରହିଛି । ପୂରା ମନୋରଞ୍ଜନ ଭିତ୍ତିକ ଫିଲ୍ମ । ଫିଲ୍ମରେ କେହି ଅଭିନୟ କଲା ଭଳି ଲାଗୁନି ସମସ୍ତଙ୍କ ଅଭିନୟ ନାଚୁରାଲ୍ ଲାଗୁଛି । ପ୍ରଥମ ଭାଗରେ କମେଡି ସିନ୍ କମ୍ ରହିଛି । ଏଥିରେ ଏକ କୃଷକ ପରିବାରର କାହାଣୀକୁ ଖୁବ୍ ସୁନ୍ଦର ଭାବରେ ଦର୍ଶାଯାଇଛି । ଯାହା ଦେଖିବାକୁ ଭଲ ଲାଗୁଛି । ■

**ସମୀର ଦାସ** , ପୁରୀ



## “କାନ୍ତାରା ଚାପ୍ଟର -୧’ର କାହାଣୀ ଦମଦାର୍”

‘କାନ୍ତାରା’ ତୁଳନାରେ ‘କାନ୍ତାରା ଚାପ୍ଟର ୱାନ୍’ ଖୁବ୍ ଭଲ ହୋଇଛି । ଏଥିରେ ରିଷଭ୍ ସେଟ୍ଟୀ ଦମଦାର ଅଭିନୟ କରିଛନ୍ତି । ଫିଲ୍ମରେ ଆକ୍ସନ ସିନ୍ ସମେତ ବେକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଦେହରେ ଏକ ପ୍ରକାର ଶିହରଣ ସୃଷ୍ଟି କରେ । ବିଶେଷ କରି ଏହି ଫିଲ୍ମର କ୍ଲାଇମାକ୍ସ ଖୁବ୍ ସୁନ୍ଦର ହୋଇଛି । ଫିଲ୍ମଟି ଥିଏଟର୍‌ରେ ଦେଖିବା ଭଳି ହୋଇଛି । ଅବଶ୍ୟ



ପ୍ରଥମେ ଦୁଇ ଘଣ୍ଟା ୪୫ ମିନିଟ୍‌ର ଫିଲ୍ମ ଭାବି ଲାଗୁଥିଲା କି ଏତେ ସମୟ କିଏ ଦେଖିବ, ବିରକ୍ତ ଲାଗିବ । କିନ୍ତୁ ବାସ୍ତବରେ ଏହି ଫିଲ୍ମଟି ହଲ୍‌ରେ ବସି ଦେଖିବା ଯୋଗ୍ୟ । ପୂରା ପଇସା ଅସୁଲ୍ ଫିଲ୍ମ କହିଲେ ଭୁଲ୍ ହେବନି । ଗୋଟେ କଥା ହେଲା ଫିଲ୍ମରେ ସସ୍‌ପେନ୍ସ ରହିଛି ଯାହା ଫିଲ୍ମକୁ ଅଧିକ ଆକର୍ଷଣୀୟ କରିପାରିଛି । ■

**ସୀତୁ ମହାରଣା**,
ଭୁବନେଶ୍ୱର




# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଜୈନଙ୍କୁ ମନା ନୂଆପଡ଼ା

ଉପନିର୍ବାଚନ ପାଇଁ ନୂଆପଡ଼ା ଏବେ ଘୋ ଘୋ ଡ଼ାକୁଛି, ରାଇଜ ସାରା ପଦ୍ମ ନେତା ନୂଆପଡ଼ାରେ ଡେରା ପକାଇଛନ୍ତି । ପଦ୍ମ ଦଳ ୟା ଭିତରେ ଅଧ ପଣେ ନେତା ମନ୍ତ୍ରୀଙ୍କୁ ନୂଆପଡ଼ାରେ ତାରକା ପ୍ରଚାରକ ଘୋଷଣା କରିଛି । ଦଳର ଶାସନ ମୁଖ୍ୟ ଓ ସଙ୍ଗଠନ ମୁଖ୍ୟ ଯାଇ ନୂଆପଡ଼ାରେ ଚକ୍କର ମାରି ଆସିଲେଣି । ଏବେ ପୁଣି ଦି' ଗଣ୍ଡା ମନ୍ତ୍ରୀଙ୍କୁ ନୂଆପଡ଼ାର ଆଠ ଜୋନ୍ ସମ୍ଭାଳିବାକୁ ଦାୟିତ୍ୱ ଦିଆଯାଇଛି । ମାତ୍ର ସବୁଠାରୁ ରୋଚକ କଥାଟି ହେଉଛି ଯେ ପଦ୍ମ ଦଳର ଆମଦାନୀ ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମଗୋତ୍ରୀୟ ହୋଇଥିବା ସତ୍ତ୍ୱେ ଟିଟିଲାଗଡ଼ରେ ଦଳର ଏକୋଇର ବଳା ବିଶିକେଶନ ଜୈନବାବୁଙ୍କୁ କୁଆଡ଼େ ନୂଆପଡ଼ା ମନା । ଜୈନ ବାବୁ ନିଜେ ଦଳର ବିଧାୟକ, ତାଙ୍କ ପତ୍ନୀ ଏକ ପୌରାଞ୍ଚଳର ଅଧିପତି । ତଥାପି ତାଙ୍କୁ କାହିଁକି ଦଳ କୋଣଠେସା କରୁଛି ଓ କାହିଁକି ନୂଆପଡ଼ାରେ ପ୍ରଚାର ପାଇଁ ମନା ହୋଇଛି ସେ କଥା ଜୈନ ବାବୁ ବୁଝି ପାରୁନାହାନ୍ତି କିମ୍ବା ତାଙ୍କ ସମର୍ଥକମାନେ ବି ଜାଣି ପାରୁନାହାନ୍ତି । ଶୁଣିବା କଥା ହେଲା ଯେ ପର୍ଯ୍ୟନ୍ତ କେବଳ ଟିଟିଲାଗଡ଼ ପୌରାଞ୍ଚଳ ଭିତରେ ସେ ସୀମିତ ଥିଲେ, ସେ ପର୍ଯ୍ୟନ୍ତ କିଛି ସମସ୍ୟା ନ ଥିଲା । ମାତ୍ର ଯେବେଠାରୁ ସିଏ ବିଧାୟକ ଭାବରେ ନିର୍ବାଚିତ ହେଲେଣି, ବିରୋଧୀଙ୍କ ଅପେକ୍ଷା ତାଙ୍କ ଦଳର ଲୋକମାନେ କୁଆଡ଼େ ତାଙ୍କ ପଛରେ ଜୋକ ପରି ଲାଗିଛନ୍ତି । ତାଙ୍କ ଜିଲ୍ଲାରୁ ଜଣେ ଉପମୁଖ୍ୟମନ୍ତ୍ରୀ, ଆଉ ଜଣେ କ୍ୟାବିନେଟ ମନ୍ତ୍ରୀ । କଣ୍ଟାବାଞ୍ଜି ବିଧାୟକ ତ ମନ୍ତ୍ରୀ ପଦ ଆଶାରେ ମନ୍ତ୍ରୀ ସମ ଆଚରଣ କରୁଛନ୍ତି । ଏପରି ଅବସ୍ଥାରେ ବିଚରା ନବୀନଙ୍କୁ ପଚାରେ କିଏ? ତା ଛଡ଼ା ନିଜ ଘନିଷ୍ଠ ଅନୁଗତ ଯେଉଁ କର୍ମ କରିଛନ୍ତି; ତାହାର କର୍ମଫଳ କୁଆଡ଼େ ତାଙ୍କୁ ଭୋଗିବାକୁ ପଡ଼ୁଛି .... । ■



## ଭାତ ସାଙ୍ଗେ ଫଳ ଝୋଳ

ସ୍କୁଲ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଓ ସେମାନଙ୍କୁ ସ୍କୁଲ ମୁହାଁ କରିବାକୁ ସରକାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଛନ୍ତି । ପ୍ରାୟ କୋଡ଼ିଏ ବର୍ଷ ତଳେ ପ୍ରଚଳିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗତ କିଛି ବର୍ଷ ହେଲା ପିଲାଙ୍କୁ ସପ୍ତାହରେ ଦୁଇଦିନ ଅଣ୍ଡା ଦିଆଯିବା ବ୍ୟବସ୍ଥା ହୋଇଛି । ଏବେ ଅଣ୍ଡା ଖାଉ ନ ଥିବା ଶାକାହାରୀଙ୍କୁ ସରକାର ଏଣିକି ଗୋଟିଏ ଲେଖାଏଁ ଫଳ ଦେବାକୁ କୁଆଡ଼େ ସରକାର ନିଷ୍ପତ୍ତି ନେଇଛନ୍ତି । ସ୍କୁଲରେ ଅଣ୍ଡାକୁ ନେଇ ଯେତିକି କାହାଣୀ ଶୁଣାଯାଇଛି, ତାହା ଲେଖିଲେ ନଥିଏ ହେବ । ଏବେ ପୁଣି ସରକାର ଫଳ କଥା କହିବା ପରେ ପିଲାମାନେ ଭାତ ସାଙ୍ଗରେ କିପରି ଫଳ ଖାଇବେ ତାହା ଶିକ୍ଷକମାନେ ବୁଝିପାରୁ ନାହାନ୍ତି । ପିଲାଙ୍କୁ ଦେଶର ଭବିଷ୍ୟତ ବୋଲି ଭାଷଣ ଦେଉଥିବା ମନ୍ତ୍ରୀମାନଙ୍କ ବେତନ ଓ ଅନ୍ୟାନ୍ୟ ସରକାରୀ ପାଉଣା ୟା ଭିତରେ ୫ ହଜାରରୁ ବଢ଼ିବଢ଼ି ଲକ୍ଷେ ଟପିଲାଣି । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରୁଥିବା ଶୀର୍ଷ ଆଇଏଏସ୍‌ଙ୍କ ବେତନ ୨୧୯୫୦ରୁ ବଢ଼ି ଅଢ଼େଇ ଲକ୍ଷରେ ଟପିଲାଣି । ମାତ୍ର କୋଡ଼ିଏ ବର୍ଷ ଭିତରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଅର୍ଥରାଶି ଦୈନିକ ୨ଟଙ୍କା ୧୪ ପଇସାରୁ ବଢ଼ି ବଢ଼ି ସର୍ବାଧିକ ୭ଟଙ୍କା ୬୪ ପଇସାରେ ପହଞ୍ଚିଛି । ଏତିକି ଟଙ୍କାରେ ଡାଲି, ତେଲ, ପରିବା, ଅଣ୍ଡା ଇତ୍ୟାଦି ଇତ୍ୟାଦି କିଣିବା ବ୍ୟବସ୍ଥା । ଫଳରେ ଡାଲି ନାମକ ହଳଦିଆ ପାଣି ଓ ତରକାରୀ ନାମକ ଝୋଳ ପିଲାମାନଙ୍କ ପୁଷ୍ଟିବର୍ଦ୍ଧନ କରୁଛି । ବୋଧେ ସେଥିପାଇଁ ରାଜ୍ୟର ଅଧେ ସରକାରୀ ସ୍କୁଲ ପିଲା ପୁଷ୍ଟିହୀନତାର ଶିକାର ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ହାର ତିନି ଚତୁର୍ଥାଂଶ । ସ୍କୁଲ ଶିକ୍ଷାମନ୍ତ୍ରୀ ଗଣ୍ଡ ବାବୁ ଟିକେ ଏ କଥା ହେଜନ୍ତୁ, ଯୋଜନା କଲାବେଳେ ବାସ୍ତବିକତା ଦେଖନ୍ତୁ । ■




## ବାବୁଙ୍କୁ ସିବିଆଇ ଛନକା

ପୁଲିସ ଏସ୍‌ଆଇ ଚାକିରି ବେପାର ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲସ୍ଥୁଲ । ପରୀକ୍ଷା ପ୍ରସ୍ତୁତି ପାଇଁ ଯାଉଥିବା ପରୀକ୍ଷାର୍ଥୀଙ୍କ ସହ ଦି' ଗଣ୍ଡା ଦଲାଲଙ୍କୁ ଧରି ଆତ୍ମତୃପ୍ତିର ହସ ହସୁଥିବା କ୍ରାଇମବ୍ରାଞ୍ଚ ଶଙ୍କର ଆତ୍ମଗୋପନ କରିଥିବା କୈଳାସ ପର୍ବତରେ ଏଯାଏ ପହଞ୍ଚି ପାରିନାହିଁ । ଆଗରୁ ପରୀକ୍ଷା ତାଲିମ ନେଇଥିବା ଆହୁରି ଶତାଧିକଙ୍କ ସୂଚନା କ୍ରାଇମବ୍ରାଞ୍ଚ ଯୋଗାଡ଼ କରି ପାରିନାହିଁ । ତେଲେଙ୍ଗାନାରୁ ମହାରାଷ୍ଟ୍ର ଓ ସେଠାରୁ ଆଇଟିଆଇ ବାଟ ଦେଇ ସିଲିକନ୍ ଯାଏ ଲମ୍ବିଥିବା ବୁଢ଼ୀଆଣି ଜାଲର ଅଡୁଆ ଗଣ୍ଠି ଖୋଲା ଯାଇ ପାରିନାହିଁ । ପୁଣି ପରୀକ୍ଷାର୍ଥୀ ଯୋଗାଇ କମିଶନ ବାବଦରେ ଏସ୍‌ଆଇ ଚାକିରି ପାଇଁ ଡ଼ିଲ କରିଥିବା ତିନି କନଷ୍ଟେବଲ ଏଯାଏ ଧରାଛୁଆଁ ବାହାରେ । ଚାକିରି ବେପାର ଚେସ୍ ବୋଡର୍‌ର ହାତୀ, ଘୋଡ଼ା ଓ ସିପାହୀ କୁହାଯାଉଥିବା ମୁନ୍ନା, ଶଙ୍କର, ଗୋବିନ୍ଦଙ୍କ ନାମ ଚର୍ଚ୍ଚାର ପରିଧିରେ ଥିବାବେଳେ ଅସଲ ମୁଖିଆ ସଫେଦ ପୋଷାକ ତଳେ ଲୁଚି ବସିଛନ୍ତି । ଏହି ସମୟରେ ସମଗ୍ର ଘଟଣାର ତଦନ୍ତ ସିବିଆଇକୁ ଦିଆଯିବା ଘୋଷଣା ସମ୍ପୃକ୍ତ ମୁଖିଆମାନଙ୍କ ରକ୍ତଚାପ ବଢ଼ାଇ ଦେଇଛି । ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସିଲିକନ୍ ଟେକ୍‌ଲାବ୍ ସହ ଅତି ମଧୁର ସମ୍ପର୍କ ରଖିଥିବା ଲୋକସେବା ଭବନ ଓ ରାଜ୍ୟ ପୁଲିସର ଏହି ବଡ଼ ଅଧିକାରୀ ଏବେ କୁଆଡ଼େ ଭାରି ବ୍ୟସ୍ତ । ଉପରକୁ ସ୍ୱାଭାବିକ ଦିଶୁଥିଲେ ବି ମନଭିତରେ ହାତକଡ଼ି ଭୟ ଯୋଗୁଁ ବାବୁମାନଙ୍କୁ କୁଆଡ଼େ ନିଦଠୁ ଦୂରେଇ ଦେଇଛି । ଶୁଣିବା କଥା ହେଲା ସିବିଆଇ ଖୋଳତାଡ଼ ବେଳେ ଆଇଟିଆଇରୁ ସିଲିକନ୍‌କୁ ପରୀକ୍ଷା ଦାୟିତ୍ୱ ଦେବାରେ ସେମାନଙ୍କର ହାତ ଥିବା କାଳେ ଜଣାପଡ଼ିବ, ସେଥିପାଇଁ ଏହି ବାବୁମାନେ ସିଲିକନ୍ କର୍ତ୍ତୃପକ୍ଷ ଓ ପଞ୍ଚସଫ୍ଟର ଶଙ୍କର ପୃଷ୍ଟି ସହ ସମ୍ପର୍କର ସବୁ ପ୍ରମାଣ ନଷ୍ଟ କରିବାରେ ଲାଗି ପଡ଼ିଛନ୍ତି । ଆଉ ବାଉଁଶ ଥିବ ଯେ ବଇଁଶୀ ବାଜିବ ! ■



## ବିନାଶ କାଳେ ବିପରୀତ ବୁଦ୍ଧି

ଯେ ପର୍ଯ୍ୟନ୍ତ ରାଜେନ୍ଦ୍ର ଢୋଲକିଆ ଜୀବିତ ଥିଲେ, ସେ ପର୍ଯ୍ୟନ୍ତ ଜୟ ଢୋଲକିଆଙ୍କୁ ସମ୍ଭବତଃ କେହି ଚିହ୍ନି ନ ଥିଲେ । ଅବଶ୍ୟ ରାଜେନ୍ଦ୍ର ଢୋଲକିଆଙ୍କ ପରି ସ୍ଥାନୀୟ ଅଞ୍ଚଳର ଲୋକପ୍ରିୟ ନେତାଙ୍କ ଛାୟାରେ ତାଙ୍କ ପରିବାରରୁ ଆଉ କେହି ଉଧେଇବ ସେ କଥା ଆଶା କରିବା ମଧ୍ୟ ବୃଥା । କେବଳ ମଝିରେ ଏକ ନାଲି ମର୍ସିଡ଼ିଜ୍ କିଣା ବେଳ ଫଟୋରେ କିଛି ଲୋକ ମୁଖପୁସ୍ତିକାରେ ଜୟଙ୍କ ଛବି ଦେଖିଥିଲେ । ରାଜେନ୍ଦ୍ରଙ୍କ ପରଲୋକ ପରେ ଜୟ ଢ଼ୋଲକିଆଙ୍କୁ ଶଙ୍ଖ ଦଳ ପ୍ରାର୍ଥୀ କରିବା ସଂକ୍ରାନ୍ତ ଚର୍ଚ୍ଚାକୁ ଅନେକ ବିଶ୍ୱାସ କରୁଥିଲେ । ନିଜେ ଏକ ଗଣମାଧ୍ୟମ ସାକ୍ଷାତକାରରେ ଜୟ ଢ଼ୋଲକିଆ ମଧ୍ୟ ଏପରି ଚର୍ଚ୍ଚାକୁ ସ୍ୱୀକାର କରିଥିଲେ । ମାତ୍ର କ'ଣ ହେଲା କେଜାଣି ଅକସ୍ମାତ ଘରେ, ବାହାରେ ଓ କାର୍ଯ୍ୟାଳୟରେ ଲାଗିଥିବା ଶଙ୍ଖ ଚିହ୍ନ ସହ ରାଜେନ୍ଦ୍ରଙ୍କ ଫଟୋକୁ ଓହ୍ଲାଇ ଢୋଲ ପିଟି ପଦ୍ମ ପୋଖରୀକୁ ଲମ୍ଫ ଦେଲେ ଜୟ । ଗତ ନିର୍ବାଚନ ସମୟରେ ଯେଉଁ ଦଳର ନେତାମାନେ ତାଙ୍କ ବାପାଙ୍କ ବିରୋଧରେ କୁତ୍ସା ରଟନା କରୁଥିଲା, ସେହି ନେତାମାନଙ୍କ ପାଦ ଛୁଇଁ ଜୟ ତାଙ୍କର ଜୟଜୟକାର କଲେ । ଗତ ଦୁଇ ଦଶନ୍ଧି ଧରି ରାଜେନ୍ଦ୍ର ଯେଉଁମାନଙ୍କ ବିରୋଧରେ ସଂଗ୍ରାମ କରୁଥିଲେ, ସେଇମାନଙ୍କ ସହ ମିତ୍ରତା କରିବା ବେଳେ ଥରେ ଜୟ ସେ କଥା ଭାବି ପାରିଲେ ନାହିଁ କିପରି ? ପୁଣି ବିଜୟ ମହାପାତ୍ର, ଦିଲ୍ଲୀପ ରାୟ, ଗିରିଧର ଗମାଙ୍ଗୋ, ଜୟରାମ ପାଙ୍ଗୀ, ଦାମୋଦର ରାଉତ, ଜୟରାମ ପାଙ୍ଗୀଙ୍କ ପରି ରାଜ୍ୟର ଅନେକ ତୁଙ୍ଗ ନେତା ପଦ୍ମଧାରଣ ପରେ କିପରି ହୀନିମାନ ହୋଇଛନ୍ତି, ସେ କଥା ଜୟ ଢୋଲକିଆ ବୁଝି ପାରିଲେ ନାହିଁ କେମିତି ? ସେଇଥିପାଇଁ ପରା କୁହାଯାଇଛି- ବିନାଶ କାଳେ ବିପରୀତ ବୁଦ୍ଧି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।